**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୨,୨୮,୦୫,୧୮୧ | ୫୮,୯୫,୭୩୬ | ୩୪,୭୫,୭୦,୩୬୯ |
| ଭାରତ | ୪,୨୮,୦୨,୫୦୫ | ୫,୧୧,୨୨୨ | ୪,୨୦,୩୭,୫୩୬ |
| ଓଡ଼ିଶା | ୧୨,୮୧,୯୮୯ | ୮୯୯୪(+୫୩) | ୧୨,୬୭,୧୦୯ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର


ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ସ୍ୱାଗତ କରୁଛନ୍ତି।


ଅପରାହ୍ନରେ ପୁରୀ ଶ୍ରୀମନ୍ଦିରକୁ ଯାଉଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପତ୍ନୀ ସବିତା କୋବିନ୍ଦ ଓ ଅନ୍ୟମାନେ।

# ନିରାମିଷ ଭୋଜନ ସହ ରସଗୋଲା ଖାଇଲେ

**ପୁରୀ ଅଫିସ,୧୯।୨**

ପୁରୀ ରାଜଭବନରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶନିବାର ରାତ୍ରିଯାପନ କରିଛନ୍ତି। ରାତ୍ରଭୋଜନରେ ରାଷ୍ଟ୍ରପତି ନିରାମିଷ ଆହାର ଗ୍ରହଣ କରିଥିବା ବେଳେ ପରିବାରର ସଦସ୍ୟ ଆମିଷ ସେବନ କରିଛନ୍ତି। ରାଷ୍ଟ୍ରପତି ଚପାତି, ଭେଣ୍ଡି ମସଲା, ଭେଣ୍ଡି ଭଜା ଓ କଖାରୁ ଓ ଲାଉରେ ପ୍ରସ୍ତୁତ ସ୍ୱତନ୍ତ୍ର ବ୍ୟଞ୍ଜନ ଖାଇଛନ୍ତି। ପରିବାରର ସଦସ୍ୟମାନେ ଅନ୍ନ, ଚିଙ୍ଗୁଡ଼ି ତରକାରି ସହ ଛତୁ ବେସର ଓ ପନିର୍ ପସିନ୍ଦା ଖାଇଛନ୍ତି। ରାଷ୍ଟ୍ରପତିଙ୍କ ସମେତ ପରିବାରର ସଦସ୍ୟମାନେ ମିଠାରେ ରସଗୋଲା ଓ ଛେନାପୋଡ଼ ଖାଇଛନ୍ତି। ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ରାଷ୍ଟ୍ରପତି ଭବନର ରୋଷେୟା ରାଷ୍ଟ୍ରପତିଙ୍କ ସହ ପୁରୀ ରାଜଭବନରେ ପହଞ୍ଚିଥିଲେ। ରାଷ୍ଟ୍ରପତି ପରିବାର ସହ ରାଜଭବନରେ ରାତ୍ରିଯାପନ କରିଥିବା ବେଳେ କେତେଜଣ ସହଯୋଗୀ ପୁରୀସ୍ଥିତ ଏକ ଘରୋଇ ହୋଟେଲରେ ରହିଛନ୍ତି। ସେହିଭଳି ସକାଳ ଜଳଖିଆରେ ଚା, କଫି, ଲେମ୍ବୁ ପାଣି, ୟାକୁଲ୍ଟ, ସୋୟା ମିଲ୍କ, ଫ୍ଲେଭରଡ ୟୋଗାର୍ଟ, କୋଲ୍ଡ ମିଲ୍କ, ହଟ ମିଲ୍କ, ବ୍ରାଉନ ବ୍ରେଡ୍, ହ୍ୱାଇଟ୍ ବ୍ରେଡ୍ ସ୍ଲାଇସ୍ ଇତ୍ୟାଦି ରହିଛି। ଫଳରେ

## ଦିଲ୍ଲୀରୁ ଆସିଥିଲେ ରୋଷେୟା

ତରଭୁଜ, ଅମୃତଭଣ୍ଡା, କଦଳୀ, ନାଶପାତି, କମଳା ଇତ୍ୟାଦି ରହିଛି। ଟିଫିନ୍‌ରେ ଇଡ୍‌ଲି, ନଡ଼ିଆ ଚଟଣି, ଟମାଟୋ ଚଟଣି, ଭେଜିଟେବୁଲ ଉପମା, ବରା, ପୁରି, ଆଳୁ ମଟର ତରକାରି, କୋବି ପରାଟା ଓ ସମ୍ବର-ଦୋଷା ଆଦି ବିକଳ୍ପ ଭାବେ ରହିଛି। ମଧ୍ୟାହ୍ନ ଭୋଜନରେ ପୋଦିନା ଜୁସ୍, ଭର୍ଜିନ୍ ମୋହିଟୋ, ମସଲା ଚାଟ୍, ପୋଦିନା ପନିର୍ ଟିକା, ଭେଜିଟେବୁଲ୍ ମିନି କଟଲେଟ୍, ମୁର୍ଘ ମଲାଇ ଟିକା, ରଷିଆନ୍ ସାଲାଡ୍, ସ୍ୱାଇସ୍ ଆପଲ୍ କର୍ନ, ଡାଲ୍ ପେଶାୱାର, ମସରୁମ୍ ଦୋପ୍ୟାଜା, ଆଳୁ କଲରା ଚିପ୍ସ, ବେବିନ କର୍ନ ମସଲା ଆଦିର ବ୍ୟବସ୍ଥା ରହିଛି। ନିରାମିଷରେ ପନିର ବଟର ମସଲା, ମୋଟି ମଟର ଓ ଆମିଷରେ ଚିକେନ୍ କସା, ଗ୍ରୀଲ୍ଡ ଫିସ୍, ମଟନ୍ ରୋଗାନ୍ ଜୋଶ ରହିଛି। କଲିଫ୍ଲାୱାର ମଞ୍ଚୁରିୟାନ୍, ଏକ୍ସୋଟିକ୍ ଭେଜିଟେବୁଲ୍ସ, ସିଙ୍ଗାପୁର ନୁଡୁଲ୍, ଭେଜିଟେବୁଲ ପଲାଉ, ବଟର ନାନ ଭଳି ଅନେକ ବ୍ୟଞ୍ଜନ ରହିଛି। ମିଠାରେ ରସଗୋଲା, ଛେନା ଝିଲ୍ଲୀ, ମୁଗ ଡାଲି ହାଲୁଆ, ଅପେରା କେକ୍, କୋକାନଟ୍ ବ୍ଲୁ ବେରୀ ସ୍ୟାଡୋ ଓ ଭ୍ୟାନିଲ ଆଇସକ୍ରିମ୍ ରହିଛି।

# ବନ୍ଧା ହେଲା ୧୪ ହାତିଆ ନାଳି ବାନା


ରାଷ୍ଟ୍ରପତିଙ୍କ ନାମରେ ଲାଗିଥିବା ୧୪ ହାତିଆ ପତିତପାବନ ବାନା।

ରାଷ୍ଟ୍ରପତି ଓ ତାଙ୍କ ପରିବାରକୁ କୌଳିକ ପଣ୍ଡା ନାରାୟଣ ଗୋଚ୍ଛିକାର ଶ୍ରୀମନ୍ଦିରରେ ଦର୍ଶନ କରାଇଥିଲେ। ଏହାପରେ ରାଷ୍ଟ୍ରପତି ନାରାୟଣ ଗୋଚ୍ଛିକାରଙ୍କ ସହ କିଛି ସମୟ ଆଲୋଚନା କରିଥିଲେ। ମହାପ୍ରଭୁଙ୍କ ଦର୍ଶନ ପରେ ସେ ଅତ୍ୟନ୍ତ ଆନନ୍ଦିତ ଥିବା କହିଥିବାବେଳେ ତାଙ୍କ ଖାତାରେ ମେଜର ଏଡିସି ଗୋପାଳ ସିଂ ପୁନିଆଙ୍କୁ ଦସ୍ତଖତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ କୌଳିକ ପଣ୍ଡା ରାଷ୍ଟ୍ରପତିଙ୍କ ନାମରେ ୧୪ ହାତିଆ ନାଳି ପତିତପାବନ ବାନା ନୀଳଚକ୍ରରେ ବାନ୍ଧିଥିଲେ। ବାନା ବନ୍ଧାଯିବାର ସମ୍ପୂର୍ଣ୍ଣ ଦୃଶ୍ୟ ରାଷ୍ଟ୍ରପତି ସପରିବାରେ ଶ୍ରୀମନ୍ଦିର ପରିସରରେ ରହି ଦେଖିଥିଲେ।

## ଗର୍ଭଗୃହ ଦର୍ଶନକୁ ନେଇ ଚର୍ଚ୍ଚା

ମହାପ୍ରଭୁଙ୍କ ଗର୍ଭଗୃହ ଦର୍ଶନ ପାଇଁ ପାରମ୍ପରିକ ବେଶପୋଷାକ ଆବଶ୍ୟକ। ଯେକେହି ପୋଖରିଆକୁ ପ୍ରବେଶ କଲେ ପାରମ୍ପରିକ ବେଶପୋଷାକରେ ଯିବାର ବିଧି ରହିଛି। ସାଧାରଣ ଲୋକଙ୍କୁ ଗର୍ଭଗୃହ ଦୈନନ୍ଦିନ ଦର୍ଶନ ମିଳୁ ନାହିଁ। ଶନିବାର ରାଷ୍ଟ୍ରପତିଙ୍କ ସମେତ ତାଙ୍କ ପୂରା ପରିବାର ମଧ୍ୟ ଗର୍ଭଗୃହରେ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ରାଷ୍ଟ୍ରପତିଙ୍କ ପରିବାର ଲୋକେ ଏହି ଦର୍ଶନ କରିଥିବା ନେଇ କୌଳିକ ପଣ୍ଡା ସୂଚନା ଦେଇଛନ୍ତି। ତେବେ ରାଷ୍ଟ୍ରପତିଙ୍କ ଏହି ଗର୍ଭଗୃହ ଦର୍ଶନକୁ ନେଇ ନାନା ଚର୍ଚ୍ଚା ହୋଇଛି।

# ୩ଟା ୪୦ରୁ ବନ୍ଦ ହେଲା ସାଧାରଣ ଦର୍ଶନ

ରାଷ୍ଟ୍ରପତି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କାର୍ଯ୍ୟକ୍ରମ ହେତୁ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାଧାରଣ ଦର୍ଶନ ବନ୍ଦ କରିବା ନେଇ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା। ମାତ୍ର ରାଷ୍ଟ୍ରପତି ନିର୍ଦ୍ଧାରିତ ସମୟ ପୂର୍ବରୁ ପୁରୀରେ ପହଞ୍ଚିଥିବାରୁ ଏହାର ୨୦ ମିନିଟ୍ ପୂର୍ବରୁ ଦର୍ଶନ ବ୍ୟବସ୍ଥାକୁ ବନ୍ଦ କରି ଦିଆଯାଇଥିଲା। ଏଥିପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସାଧାରଣ ରବିବାର ଶ୍ରୀମନ୍ଦିର ବନ୍ଦ ରହୁଥିବା ହେତୁ ଶନିବାର ସାଧାରଣ ଦର୍ଶନ ପାଇଁ ଜୋର ଗହଳି ଦେଖାଦେଇଥାଏ। ଏଣୁ ରାଷ୍ଟ୍ରପତିଙ୍କ ଦର୍ଶନ ସମୟରେ ଶ୍ରୀମନ୍ଦିର ବାହାରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

**ST. XAVIER INTERNATIONAL SCHOOL**
AFFILIATED TO CBSE, NEW DELHI
CAMPUS: PATIA MAIN ROAD, BHUBANESWAR
website: stxavierinternationalschool.com

**SPOT ADMISSION: 2022-23**
KG to STD.-XII (Sc./Com.)

Applications are invited for admission in KG to Std.XI (Science/Commerce). Candidates are requested to appear the qualifying Personal Interview Test before seeking admission. The candidate may be admitted in Std.XI provisionally based on the merit list.

Details about the admission are available at School Office of all Branches, Bhubaneswar or Mail to admissionxavier1@gmail.com or by Post.

9778796666, 9776633003, 9861099999



# ଫାଷ୍ଟଟ୍ରାକ୍ କୋର୍ଟରେ ବିଳମ୍ବିତ ବିଚାର

## ରାଜ୍ୟରେ ପଡ଼ି ରହିଛି ୩ହଜାର ୨୪୪ ମାମଲା

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ଦେଶରେ ବଢି ଚାଲିଥିବା ଆପରାଧିକ ମାମଲା ଉପରେ ନଜର ରଖି କେନ୍ଦ୍ର ସରକାରଙ୍କ ପକ୍ଷରୁ ଫାଷ୍ଟ-ଟ୍ରାକ୍ କୋର୍ଟ (ଏଫ୍‌ଟିସି) ସ୍ଥାପନ କରାଯାଇଛି। ୨୦୦୦ ମସିହାରେ ଦେଶରେ ପ୍ରାୟ ୩କୋଟି ମାମଲା ବିଚାରାଧୀନ ରହିଥିବାବେଳେ କେନ୍ଦ୍ର ସରକାରଙ୍କ ଦ୍ୱାରା ୧୧ତମ ଅର୍ଥ କମିଶନଙ୍କ ଜରିଆରେ ଏହି କୋର୍ଟଗୁଡ଼ିକ ସ୍ଥାପନ କରାଯାଇଥିଲା।

ବିଭିନ୍ନ ଜଘନ୍ୟ ଅପରାଧ ଏବଂ ମହିଳା, ଶିଶୁ ଓ ବୟସ୍କଙ୍କ ବିରୋଧରେ ହେଉଥିବା ଅପରାଧଗୁଡ଼ିକର ତୁରନ୍ତ ବିଚାର ପାଇଁ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ବର୍ତ୍ତମାନ ମୋଟ୍ ୮୯୮ଟି ଫାଷ୍ଟ ଟ୍ରାକ୍ କୋର୍ଟ କାର୍ଯ୍ୟ କରୁଛି। ଓଡ଼ିଶାରେ ୪୫ଟି ଫାଷ୍ଟଟ୍ରାକ୍ କୋର୍ଟ ରହିଥିବାବେଳେ ବର୍ତ୍ତମାନ ୧୯ଟି ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ କାର୍ଯ୍ୟ କରୁଛି। ୨୦୨୧ ଜୁନ୍‌ରେ କଟକ, ବଲାଙ୍ଗୀର, ଭଦ୍ରକ, ବାଲେଶ୍ୱର, ଢେଙ୍କାନାଳ, ଗଞ୍ଜାମ, ଜଗତ୍‌ସିଂହପୁର, ଯାଜପୁର, କଳାହାଣ୍ଡି, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କୋରାପୁଟ, କନ୍ଧମାଳ, ରାୟଗଡା ଏବଂ ସମ୍ବଲପୁର ଜିଲାରେ ଏକକାଳୀନ ୧୫ଟି ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ଆରମ୍ଭ କରାଯାଇଥିଲା। ରାଜ୍ୟରେ ପୋକ୍‌ସୋ ଆକ୍ଟ ସମ୍ପର୍କିତ ମାମଲା ଏବଂ ବଳାତ୍କାର ମାମଲାଗୁଡ଼ିକର ଶୀଘ୍ର ଫଇସଲା ପାଇଁ ଏହି କୋର୍ଟଗୁଡ଼ିକ ପ୍ରତିଷ୍ଠା ହୋଇଥିଲା।

ତେବେ ସମ୍ପ୍ରତି ସମସ୍ତ ରାଜ୍ୟର ହାଇକୋର୍ଟଗୁଡିକ ପକ୍ଷରୁ କେନ୍ଦ୍ର ଆଇନ୍ ମନ୍ତ୍ରଣାଳୟକୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ଦେଶର ଫାଷ୍ଟ ଟ୍ରାକ୍ କୋର୍ଟଗୁଡ଼ିକରେ ୧୦ଲକ୍ଷରୁ ଊର୍ଦ୍ଧ୍ୱ ମାମଲା ବିଚାରାଧୀନ ଅବସ୍ଥାରେ ପଡ଼ିରହିଛି। ସେଥିମଧ୍ୟରୁ ଓଡ଼ିଶାରେ ଥିବା ଏହି କୋର୍ଟଗୁଡିକରେ ୩ହଜାର ୨୪୪ଟି ମାମଲା ବିଚାରାଧୀନ ରହିଛି।

ଏ ସମ୍ପର୍କରେ ଭୁବନେଶ୍ୱରର ଆଇନଜୀବୀ ପ୍ରଭାତ କୁମାର ସାମନ୍ତରାୟ କହିଛନ୍ତି, ଫାଷ୍ଟଟ୍ରାକ୍ କୋର୍ଟଗୁଡ଼ିକର ପରିଚାଳନା ପାଇଁ ଅଧିକ ପାଣ୍ଠି ଯୋଗାଇବା ସହିତ ଆବଶ୍ୟକ ସଂଖ୍ୟକ କର୍ମଚାରୀ ନିଯୁକ୍ତି କରାଯିବାର ଆବଶ୍ୟକତା ରହିଛି। ଏଥିସହ ସବୁ ଜିଲାରେ ଫାଷ୍ଟ ଟ୍ରାକ୍ କୋର୍ଟ ପ୍ରତିଷ୍ଠା କରାଯିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ସେହିପରି ବରିଷ୍ଠ ଆଇନ୍‌ଜୀବୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି, ଭିତ୍ତିଭୂମି ଅଭାବ ସମେତ ବିଭିନ୍ନ କାରଣରୁ ଏହି କୋର୍ଟଗୁଡ଼ିକ ଠିକ୍ ଭାବେ ପରିଚାଳିତ ହୋଇପାରୁନାହିଁ।




୧୯।୦୨।୨୦୨୨

| | |
|---|---|
| ୪, ୨୪, ୧୫୧ ଟଙ୍କା | |
| ସୁନା | ୪୭୦ ମିଲିଗ୍ରାମ |
| ରୁପା | ୧୩୦ ମିଲିଗ୍ରାମ |

## ଆଜି କ’ଣ କେଉଁଠି

ଭୁବନେଶ୍ୱର

- ବିଏସ୍‌ସିଏଲ୍ ଟିମ୍ ଓ କ୍ରିଆ ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ଶିଶୁ କର୍କଟ ଦିବସ ଅବସରରେ ସାଇକ୍ଲୋଥନ, ଶହୀଦ ନଗର ଦୁର୍ଗାପୂଜା ମଣ୍ଡପ, ସକାଳ ୬ଟା।
- ସମବେଦନା ଅନୁଷ୍ଠାନ, ସ୍ନେହା ଫାଉଣ୍ଡେଶନ ଓ ଆର୍‌ଏମ୍‌ଡି ଡିଗ୍ରୀ କଲେଜର ମିଳିତ ଆନୁକୂଲ୍ୟରେ ପ୍ରୋଜେକ୍ଟ ବିଦ୍ୟା ଉଦ୍‌ଘାଟନ, ଅଡିଟୋରିୟମ, ଆର୍‌ଏମ୍‌ଡି କଲେଜ, ପଟିଆ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଆ ମିଡିଆ ପକ୍ଷରୁ ପେନ୍ ଇନ୍ ବୁକ୍ସର ପୁସ୍ତକ ଉନ୍ମୋଚନ, ହୋଟେଲ ସ୍ୱସ୍ତି ପ୍ରିମିୟମ, ଅପରାହ୍ନ ୫ଟା ୩୦।

କଟକ

- ପତଞ୍ଜଳି ଯୋଗପୀଠ ପରିବାର କଟକ ପକ୍ଷରୁ ସୂର୍ଯ୍ୟ ନମସ୍କାର, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସକାଳ ୬ଟା ୩୦।
- ଅଭିନବ ବିଡ଼ାନାସୀ ୱାର୍କର୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ବୈଠକ, କ୍ଲବ ପରିସର, ସେକ୍ଟର-୭, ସିଡିଏ, ସକାଳ ୭ଟା ୩୦।
- ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ ଫାଉଣ୍ଡେଶନ ପକ୍ଷରୁ କୁନ୍ତଳା କୁମାରୀଙ୍କ ସ୍ମୃତି ଉତ୍ସବ,ସାରଳା ଭବନ, ଅପରାହ୍ନ ୪ଟା।

# ନିର୍ବାଚନ ଆୟୁକ୍ତଙ୍କୁ ଭେଟିଲା ଉତ୍କଳ ସାମ୍ବାଦିକ ସଂଘ



ଉତ୍କଳ ସାମ୍ବାଦିକ ସଂଘର କର୍ମକର୍ତ୍ତାମାନେ ଶନିବାର ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗଙ୍କୁ ଦାବିପତ୍ର ଦେଉଛନ୍ତି।

## ଖବର ସଂଗ୍ରହ ବେଳେ ସୁରକ୍ଷା ଦିଆଯାଉ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ପଞ୍ଚାୟତ ନିର୍ବାଚନ ଅବସରରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୁରକ୍ଷା ଯୋଗାଇବା ସହ ନିର୍ବିରୋଧ ଖବର ସଂଗ୍ରହ ନିମନ୍ତେ ନିର୍ଦ୍ଦେଶନାମା ଜାରି କରାଯିବାକୁ ଉତ୍କଳ ସାମ୍ବାଦିକ ସଂଘ ଦାବି କରିଛି। ଏ ନେଇ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଶନିବାର ରାଜ୍ୟ ନିର୍ବାଚନ ଆୟୁକ୍ତ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ଭେଟିଛି। ଏହି ପ୍ରତିନିଧି ମଣ୍ଡଳୀ କହିଥିଲେ, ନିର୍ବାଚନ ଅବସରରେ ଖବର ସଂଗ୍ରହକୁ ନେଇ କଣାସ, ପିପିଲି, କଟକ ସଦର, ଚାନ୍ଦବାଲି ସମେତ ବିଭିନ୍ନ ଅଞ୍ଚଳରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଆକ୍ରମଣ କରାଯିବା ସହ ଖବର ସଂଗ୍ରହରେ ସ୍ଥାନୀୟ ବୁଥ୍ ଅଧିକାରୀ ଓ ପୋଲିସ୍ ପକ୍ଷରୁ ବିରୋଧର ଚିତ୍ର ସାମ୍ନାକୁ ଆସିଛି। ଏପରି କି ଚାନ୍ଦବାଲିସ୍ଥିତ ବୁଥ୍ ଦାୟିତ୍ୱରେ ଥିବା ଅଧିକାରୀ ଖବର ସଂଗ୍ରହ ପାଇଁ ନିର୍ବାଚନ ଆୟୁକ୍ତଙ୍କ ଅନୁମତି ପତ୍ର ଲୋଡ଼ିବା ଖବରଦାତାଙ୍କ ଅଧିକାର ପ୍ରତି ଆହ୍ୱାନ ସୃଷ୍ଟି କରିଛି ବୋଲି ସଂଘ କର୍ମକର୍ତ୍ତା ଅଭିଯୋଗ କରିଥିଲେ। ନିର୍ବାଚନ ଆୟୁକ୍ତ ସମସ୍ତ ଅଭିଯୋଗ ଶୁଣିବା ସହିତ କହିଛନ୍ତି, ନିର୍ବାଚନ ସମୟରେ ଖବର ପ୍ରସାରଣରେ ଗଣମାଧ୍ୟମର ସ୍ୱାଧୀନତା ଅକ୍ଷୁର୍ଣ୍ଣ ରହିବ। ଯଦି ସେଭଳି କୌଣସି ଘଟଣା ଦୃଷ୍ଟିକୁ ଆସେ, ତେବେ ସେମାନଙ୍କ ବିରୋଧରେ ବିହିତ ପଦକ୍ଷେପ ନିଆଯିବାକୁ ପାଢ଼ୀ ଏହି ପ୍ରତିନିଧି ମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ଆୟୁକ୍ତଙ୍କ ସଚିବ ରବିନାରାୟଣ ସାହୁ ଓ ଉପସଚିବ ଆଜାଦ୍‌ହିନ୍ଦ ପାଣିଗ୍ରାହୀ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ଏହି ଆଲୋଚନାରେ ଜାତୀୟ ପରିଷଦ ସଦସ୍ୟ ବୈଷ୍ଣବ ଚରଣ ଜେନା, ପପୁ ମହାନ୍ତି, ସନତ ମିଶ୍ର, ପ୍ରଦ୍ୟୁମ୍ନ ମହାନ୍ତି, ଅଶୋକ ସାହୁ, ସଂଘର ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ରାଜନେ ଚୌଧୁରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଲିଙ୍ଗରାଜ ସାହୁ, ଭୁବନେଶ୍ୱର ଜିଲା ସଭାପତି ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ‘ରୁସା’ ଯୋଜନା ଅବଧି ବଢ଼ିଲା

## ୨୦୨୬ ମାର୍ଚ୍ଚ ୩୧ ଯାଏ ଖର୍ଚ୍ଚ ହେବ ୧୨୯୨୯.୧୬ କୋଟି

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ(ରୁସା) ଆସନ୍ତା ୨୦୨୬ ମାର୍ଚ୍ଚ ୩୧ ଯାଏ ଚାଲିବ। ଏଥିପାଇଁ ୧୨୯୨୯.୧୬ କୋଟି ଟଙ୍କା ଖର୍ଚ୍ଚ ବଜେଟକୁ କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। କେନ୍ଦ୍ର ସରକାର ୮୧୨୦.୯୭ କୋଟି ଟଙ୍କା ଖର୍ଚ୍ଚ ବହନ କରିବାକୁ ଥିବା ବେଳେ ରାଜ୍ୟ ସରକାର ୪୮୦୮.୧୦ କୋଟି ଟଙ୍କା ନିଜ ଅଂଶଧନ ପ୍ରଦାନ କରିବେ। ଏଥିରେ ୧୬୦୦ ନୂତନ ପ୍ରକଳ୍ପକୁ ସାମିଲ କରାଯାଇଛି। ଉଚ୍ଚଶିକ୍ଷାର ବିକାଶ ପାଇଁ କେନ୍ଦ୍ର ସରକାର ୨୦୧୩ରେ ଏହାକୁ ଆରମ୍ଭ କରିଥିଲେ। ଏହି ଯୋଜନାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଯଥାକ୍ରମେ ୬୦:୪୦ ଅନୁପାତରେ ଖର୍ଚ୍ଚ ବହନ କରିବେ। ରୁସା ଯୋଜନାରେ କେନ୍ଦ୍ର ସରକାର ରାଜ୍ୟରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନ କଲେଜ ଓ ବିଶ୍ୱବିଦ୍ୟାଳୟକୁ ଅନୁଦାନ ଯୋଗାଇ ଦେଉଛନ୍ତି। ତେବେ ନୂତନ ଭାବେ ପ୍ରସ୍ତାବିତ ଯୋଜନାରେ କେନ୍ଦ୍ର ସରକାର ମାଓବାଦୀପ୍ରବଣ ଓ ପଛୁଆ ଜିଲାଗୁଡ଼ିକରେ ଶିକ୍ଷା ବ୍ୟବସ୍ଥାର ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ରୁସା ଯୋଜନାରେ କେନ୍ଦ୍ର ସରକାର ନିଯୁକ୍ତିଭିତ୍ତିକ ଶିକ୍ଷା ଏବଂ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ଏହାଛଡ଼ା ମଡେଲ ଡିଗ୍ରୀ କଲେଜ, ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକୁ ବହୁମୁଖୀ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ମଧ୍ୟ ସହାୟତା କରିବ। ରୁସା ଯୋଜନାରେ ଉଭୟ ଅଧିସ୍ୱୀକୃତ ଓ ଅଣ ଅଧିସ୍ୱୀକୃତ କଲେଜ ଓ ବିଶ୍ୱବିଦ୍ୟାଳୟକୁ ଶିକ୍ଷାର ବିକାଶ ପାଇଁ ଅନୁଦାନ ଯୋଗାଇ ଦିଆଯିବ।

# ସର୍ବଭାରତୀୟ ବେସାମରିକ ଚେସ୍ ପାଇଁ ଖେଳାଳି ଚୟନ

ଭୁବନେଶ୍ୱର, ୧୯।୨(ବ୍ୟୁରୋ): ନୂଆଦିଲ୍ଲୀର ମଡେଲ ଟାଉନସ୍ଥିତ ଛତ୍ରଶାଲ ଷ୍ଟାଡିୟମ୍‌ରେ ମାର୍ଚ୍ଚ ୧୦ରୁ ୧୭ ତାରିଖ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିଲାଗି ୨୬ତାରିଖରେ ଭୁବନେଶ୍ୱର ୟୁନିଟ୍-୨ସ୍ଥିତ ସେକ୍ରେଟେରିଏଟ୍ ରିକ୍ରିଏସନ୍ କ୍ଲବ ପରିସରରେ ଚେସ୍ ଖେଳାଳି ଚୟନ ପ୍ରକ୍ରିୟା ହେବ। କେବଳ ନିୟମିତ ଚାକିରିରେ ଥିବା ସରକାରୀ କର୍ମଚାରୀ ଏହି ପ୍ରତିଯୋଗିତାରେ ଭାଗ ନେଇପାରିବେ। ଇଚ୍ଛୁକ ସରକାରୀ କର୍ମଚାରୀ ନିଜ ସେବା ପୁସ୍ତିକାର ପ୍ରଥମ ପୃଷ୍ଠାର ନକଲ, ଅଫିସ ପରିଚୟ ପତ୍ର ଓ ପ୍ରାଧିକୃତ କର୍ତ୍ତୃପକ୍ଷଙ୍କ ପାଖରୁ ଅନୁମତିପତ୍ର ସହ ଏକ ପାର୍ସପୋର୍ଟ ଫଟୋ ପଞ୍ଜୀକୃତ କରି ଚୟନ ପ୍ରକ୍ରିୟାରେ ଭାଗ ନେଇପାରିବେ ବୋଲି ଓଡ଼ିଶା ସଚିବାଳୟ ଚେସ୍ ପରିଷଦର ସାଧାରଣ ସମ୍ପାଦକ ନୀଳମଣି ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ସଚିବାଳୟ ଚେସ୍ ପରିଷଦର ସାଧାରଣ ବୈଠକ ଗୁରୁବାର ଲୋକସଭା ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ସତୀଶ ଚନ୍ଦ୍ର ସିଂହ, ଉପସଭାପତି ପ୍ରତାପ କୁମାର ଜେନା, ସାଧାରଣ ସମ୍ପାଦକ ଭାବେ ନୀଳମଣି ପାତ୍ର, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ସାହୁ, ଅର୍ଥ ସମ୍ପାଦକ ଶ୍ୱେତାମ୍ବର ନାୟକ, ପାଠାଗାର ସମ୍ପାଦକ ସୁରେନ୍ଦ୍ର କୁମାର ପ୍ରଧାନ, ସମୀକ୍ଷକ ପଦ୍ମ ଚରଣ ରାଉତ, କାର୍ଯ୍ୟନିର୍ବାହୀ ଭାବେ ତାପସ ଦାସ, ମାଧବ ଚନ୍ଦ୍ର ମିଶ୍ର, ସୌମ୍ୟସାଚୀ ବେହେରା ନିର୍ବାଚିତ ହୋଇଥିଲେ।

# ତେଜସ୍ୱିତା ମିସେସ୍ ଇଣ୍ଡିଆ ଦ୍ୱିତୀୟ ରନର୍ସଅପ୍



ଭୁବନେଶ୍ୱର,୧୯।୨(ବ୍ୟୁରୋ)

ସର୍ବଭାରତୀୟସ୍ତରରେ ଆୟୋଜିତ ଗ୍ଲାମନ୍ ମିସେସ୍ ଇଣ୍ଡିଆ (ଜିରୋ ସାଇଜ୍) ପ୍ରତିଯୋଗିତାରେ ଓଡ଼ିଶାର ତେଜସ୍ୱିତା ମହାପାତ୍ର ଦ୍ୱିତୀୟ ରନର୍ସଅପ୍ ହୋଇ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଗତ ଜାନୁୟାରୀରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଏକ ପର୍ଯ୍ୟାୟରେ ଅନ୍ୟ ପ୍ରତିଯୋଗୀଙ୍କୁ ପଛରେ ପକାଇ ତେଜସ୍ୱିତା ଯୋଗ୍ୟତା ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଚଳିତ ମାସରେ ଗୋଆରେ ଆୟୋଜିତ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସମୁଦାୟ ୬୦ଜଣ ପ୍ରତିଯୋଗୀ ଭାଗନେଇଥିଲେ। ପ୍ରି.ଜଜିଂ, ଯୋଗ୍ୟତା, ଜାତୀୟ ପୋଷାକ, ପ୍ରଶ୍ନୋତ୍ତର ଇତ୍ୟାଦି ପର୍ଯ୍ୟାୟରେ ପ୍ରତିଯୋଗୀମାନଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଏଥିରେ ମଧ୍ୟ ତେଜସ୍ୱିତା ଭଲ ପ୍ରଦର୍ଶନ କରି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ। ପରେ ସେ ଫାଇନାଲରେ ଚମତ୍କାର ପ୍ରଦର୍ଶନ ସହ ଦ୍ୱିତୀୟ ରନର୍ସଅପ୍ ଟାଇଟଲ ଅର୍ଜନ କରିବାରେ ସଫଳ ହୋଇଥିଲେ। ସେ କଟକର ଡଗରପଡ଼ା ନିବାସୀ ବରିଷ୍ଠ ଆଇନଜୀବୀ ଗୋକୁଳାନନ୍ଦ ମହାପାତ୍ର ଏବଂ ଅନ୍ନପୂର୍ଣ୍ଣା ମହାପାତ୍ରଙ୍କ କନିଷ୍ଠ କନ୍ୟା। ପରବର୍ତ୍ତୀ ସମୟରେ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି ବୋଲି ତେଜସ୍ୱିତା କହିଛନ୍ତି।

# ୫ ପଥର, ୩ ବାଲି ଗାଡ଼ି ଜବତ

ନିଶ୍ଚିନ୍ତକୋଇଲି, ୧୯।୨(ସ୍ୱ.ପ୍ର.)

କଟକ ଜିଲା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଶୁକ୍ରବାର ବିଳମ୍ବିତ ରାତିରେ ନିଶ୍ଚିନ୍ତକୋଇଲି ତହସିଲ ଅଞ୍ଚଳରେ ଚଢ଼ାଉ କରି ୫ ପଥର ଓ ୩ ବାଲି ବୋଝେଇ ଗାଡ଼ି ଜବତ କରିଛି। ଯାଞ୍ଚ ପରେ ପଥର ବୋଝେଇ ଗାଡ଼ିଗୁଡିକର ଟ୍ୟାକ୍ସ ଓ ଫିଟନେସ୍ ନ ଥିବା ଜଣାପଡିଛି। ଏନେଇ ତହସିଲଦାର ବାଲି ବୋଝେଇ ଗାଡ଼ିରୁ ୬୦ ହଜାର ଟଙ୍କା ଓ ପଥର ବୋଝେଇ ଗାଡ଼ିଗୁଡ଼ିକରୁ ୨ ଲକ୍ଷ ଟଙ୍କା ଜରିମାନା ବାବଦରେ ଆଦାୟ କରିଛନ୍ତି। ଏହାପରେ ଗାଡ଼ିଗୁଡ଼ିକୁ ଛାଡି ଦିଆଯାଇଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲଭ୍ଲି



@ ଦୀପାଂଶୁ



@ ଦୀପ୍ତିରଞ୍ଜନ



@ ବିଶ୍ୱରଞ୍ଜନ



@ ବାସନ୍ତୀ

# ଓଡ଼ିଆ ଚଳଚ୍ଚିତ୍ର ‘କହେ ବଲ୍ଲଭ’ ମନୋନୀତ

## ମେମୋରିଆଲ ଇଣ୍ଟରନ୍ୟାଶନାଲ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଓଡ଼ିଆ ଚଳଚ୍ଚିତ୍ର ‘କହେ ବଲ୍ଲଭ’ କେରଳର ମେମୋରିଆଲ ଇଣ୍ଟରନ୍ୟାଶନାଲ ଡକ୍ୟୁମେଣ୍ଟାରି ଫିଲ୍ମ ଫେଷ୍ଟିଭାଲ-୨୦୨୨ ପାଇଁ ମନୋନୀତ ହୋଇଛି। ହିମାଂଶୁ ଖଟୁଆ ଏହାର ନିର୍ଦ୍ଦେଶନା ଦେଇଥିବା ବେଳେ କାଦମ୍ବିନୀ ପତ୍ରିକାର ସମ୍ପାଦିକା ଇତି ସାମନ୍ତ ପ୍ରଯୋଜନା କରିଛନ୍ତି। ଏହି ଚଳଚ୍ଚିତ୍ର ଆସନ୍ତା ୨୦ତାରିଖରେ ପ୍ରଦର୍ଶନ ହେବ। ଭଦ୍ରକର ସଂସ୍କୃତି ମୋଗଲ ତାମସାକୁ ନେଇ ଚଳଚ୍ଚିତ୍ରର ବିଷୟବସ୍ତୁ ପର୍ଯ୍ୟବସିତ। ପୂର୍ବରୁ ଏହି ଚଳଚ୍ଚିତ୍ର ଦାଦା ସାହେବ ଫାଲ୍‌କେ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଓ ଥାର୍ଡ ସାଉଥ୍ ଏସିଆନ ଶର୍ଟ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଥିଲା। ଏଥିସହ ଓଡ଼ିଶା ସରକାରଙ୍କ ଦ୍ୱାରା ୨୦୧୯ରେ ଶ୍ରେଷ୍ଠ ଚଳଚ୍ଚିତ୍ର ପୁରସ୍କାର ପାଇଥିଲା।







ରାଜ୍ୟରେ ବିଦ୍ୟୁତ୍ ଦର ବୃଦ୍ଧି ପ୍ରତିବାଦରେ ସମାଜବାଦୀ ପାର୍ଟି ପକ୍ଷରୁ ଶନିବାର ଭୁବନେଶ୍ୱର ଶୈଳଶ୍ରୀ ବିହାରସ୍ଥିତ ଓଇଆର୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ଧର୍ମାନ୍ତରୀକରଣର ଷଡ଼ଯନ୍ତ୍ରର ଶିକାର ହୋଇ ପ୍ରାଣ ହରାଇଥିବା ଲାବଣ୍ୟଙ୍କୁ ନ୍ୟାୟ ଦାବିରେ ଉତ୍କଳ ବିଶ୍ୱବିଦ୍ୟାଳୟ ଏବିଭିପି ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଶନିବାର ଭୁବନେଶ୍ୱରଠାରେ ଆୟୋଜିତ ମହମବତି ଶୋଭାଯାତ୍ରା।



ଭୁବନେଶ୍ୱର ବୁଦ୍ଧ ମନ୍ଦିରରେ ବିଶ୍ୱ ରେଡିଓ ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଶନିବାର ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଅନ୍ଧରପୁରରେ ବେଆଇନ ଘର ବିକ୍ରି ଘଟଣା
### ଅଭିଯୁକ୍ତ ରାଜାଙ୍କ ରିମାଣ୍ଡ ଅବଧି ଶେଷ

କଟକ ଅଫିସ,୧୯।୨- କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳର ଅନ୍ଧରପୁରରେ ବସ୍ତିବାସିନ୍ଦାଙ୍କ ପାଇଁ ତିଆରି ଘରକୁ ବେଆଇନ ଭାବେ ବିକ୍ରି କରିବା ଘଟଣାରେ ଅଭିଯୁକ୍ତ ରାଜା କରଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ଅଧିକ ତଥ୍ୟ ହାସଲ ପାଇଁ ପୋଲିସ ତାଙ୍କୁ ଦୁଇଦିନିଆ ରିମାଣ୍ଡରେ ଆଣିଥିଲା। ଶନିବାର ତାଙ୍କର ରିମାଣ୍ଡ ଅବଧି ଶେଷ ହୋଇଥିବାବେଳେ ପୋଲିସ ଅନେକ ତଥ୍ୟ ହାସଲ କରିଛି। ରାଜା ସିଏମ୍‌ସିର କେତେଜଣ କର୍ମଚାରୀଙ୍କ ସହଯୋଗରେ ସରକାରୀ ଘର ବିକ୍ରି କରୁଥିଲେ ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ପୋଲିସ ହାଉସିଂ କର୍ପୋରେଶନ ଏହି ଘର ନିର୍ମାଣ କରିବା ପରେ ସିଏମ୍‌ସିକୁ ହସ୍ତାନ୍ତର କରିଥିଲା । ତେବେ ଏହି ଘଟଣାରେ ସିଏମ୍‌ସିର କେତେଜଣ ଅସାଧୁ କର୍ମଚାରୀ ଏବେ ପୋଲିସ ନଜରରେ ରହିଛନ୍ତି । ରାଜା ଲୋକଙ୍କଠାରୁ ନେଇଥିବା ଟଙ୍କା କ'ଣ କଲେ ଓ କାହାକୁ ଦେଇଛନ୍ତି ସେ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି । ଏଥିସହ ବିଭିନ୍ନ ବ୍ୟାଙ୍କରେ ଥିବା ରାଜାଙ୍କ ଆକାଉଣ୍ଟକୁ ଯାଞ୍ଚ କରାଯାଉଛି ବୋଲି ଜୋନ୍-୫ ଏସିପି ଅମରେନ୍ଦ୍ର ପଣ୍ଡା କହିଛନ୍ତି।

### ଦାବି ପୂରଣ ନ ହେଲେ ୨୩ରୁ ଧାରଣା

ଭୁବନେଶ୍ୱର, ୧୯।୨(ବ୍ୟୁରୋ): ଟିପିସିଓଡିଏଲ୍ କର୍ତ୍ତୃପକ୍ଷଙ୍କୁ ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ଇଞ୍ଜିନିୟର ଏକତା ମଞ୍ଚ ପକ୍ଷରୁ ବାରମ୍ବାର ପତ୍ର ଲେଖାଯାଉଥିଲେ ମଧ ଦାବି ପୂରଣ କରାଯାଉନାହିଁ ଏହା ପ୍ରତିବାଦରେ ମଙ୍ଗଳବାରଠାରୁ ଧାରଣା ଦେବାକୁ ଏକତା ମଞ୍ଚ ଚେତାବନୀ ଦେଇଥିଲା। ଫଳରେ ଟାଟା କମ୍ପାନୀ କର୍ତ୍ତୃପକ୍ଷ ଉକ୍ତଦିନ ଆଲୋଚନା ପାଇଁ ଏକତା ମଞ୍ଚକୁ ଡାକିଛନ୍ତି। ତେବେ କର୍ତ୍ତୃପକ୍ଷ ଦାବି ନ ମାନିଲେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଶନିବାର ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଟିପିସିଓଡିଏଲ ମନମୁଖି ଭାବେ କର୍ମଚାରୀ, ଇଞ୍ଜିନିୟରଙ୍କ ସର୍ଭିସ ମାନୁଆଲ ପରିବର୍ତ୍ତନ କରୁଥିବାରୁ ଅସନ୍ତୋଷ ଦେଖାଦେଇଛି। ସେହିପରି ୨୦୧୦ରୁ ସମସ୍ତ କର୍ମଚାରୀ, ଇଞ୍ଜିନିୟରଙ୍କ ଏନ୍.ପି.ଏସ୍, ସି.ପି.ଏସ୍ ଦରମାରୁ କଟୁଥିଲେ ମଧ ତାହାକୁ ବେଖାତିର କରି ଏକତରଫା ଭାବେ ୦୧.୦୬.୨୦୨୦ରୁ ଆରପିଏଫ୍‌ସିରେ ଡିପୋଜିଟ୍ କରିବାକୁ ବାଧ କରାଯାଉଛି। ଏହା ବେଆଇନ ଅଟେ। ପୂର୍ବରୁ ୧୯ ଶହ କୋଟି ଟଙ୍କା କର୍ମଚାରୀଙ୍କ ପେନସନ୍ ଟ୍ରଷ୍ଟରେ ଡିପୋଜିଟ୍ ହୋଇ ନ ଥିବା ବେଳେ ପଚାରିଲେ କୌଣସି ଉତ୍ତର ମିଳୁନାହିଁ। ତୁରନ୍ତ ଏ ସବୁର ସମାଧାନ କରିବା ସହ ମେଡିକାଲ ଭତ୍ତା ୫% ଏରିୟର ଦେବା ସହ ଉଚ୍ଚଶିକ୍ଷିତ କର୍ମଚାରୀଙ୍କୁ ପଦୋନ୍ନତି ଦେବାକୁ ମଞ୍ଚ ଦାବି କରିଛି। ଖବରଦାତା ସମ୍ମିଳନୀରେ ମଞ୍ଚର ନେତା ଇଂ. ବ୍ରହ୍ମପ୍ରକାଶ ପାଇଟାଲ, ପ୍ରଶାନ୍ତ କୁମାର ମହାପାତ୍ର, ସତ୍ୟବାଦୀ ବାଘ, ପ୍ରଭାତ କୁମାର ମଲ୍ଲ, କେଦାର ଷଡ଼ଙ୍ଗୀ, ଇଂ. ଅକ୍ଷୟ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜ୍ୟରେ ଚାଷୀ, ଗରିବ ପ୍ରତାରିତ: ସମୀର

ଭୁବନେଶ୍ୱର,୧୯।୨(ବ୍ୟୁରୋ): ରାଜ୍ୟରେ ତ୍ରୁଟିପୂର୍ଣ୍ଣ ମଣ୍ଡି ବ୍ୟବସ୍ଥା କାରଣରୁ ଚାଷୀ ହନ୍ତସନ୍ତ ହେଉଛନ୍ତି। ନିଆଳିରେ ଚାଷୀମାନେ ନିଜ କଷ୍ଟ ଉପାର୍ଜିତ ଧାନକୁ ଅଳ୍ପ ମୂଲ୍ୟରେ ମିଲରଙ୍କୁ ବିକ୍ରି କରୁଛନ୍ତି। ସାରା ରାଜ୍ୟରେ ସରକାରୀ ମଣ୍ଡିର ଏତାଦୃଶ ଅବସ୍ଥା ବୋଲି ଭାଜପା ଅଭିଯୋଗ କରିଛି। ଶନିବାର କଟକର ନିଆଳି ଅଞ୍ଚଳରେ ନିର୍ବାଚନ ପ୍ରଚାର ବେଳେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, କେନ୍ଦ୍ର ସରକାରଙ୍କ ଯୋଜନାର ସଫଳ ରୂପାୟନ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଗାଁରେ ଭଲ ରାସ୍ତା ନାହିଁ। କେନ୍ଦ୍ରରୁ ଆସୁଥିବା ଅର୍ଥକୁ ହରିଲୁଟ କରାଯାଉଛି। ବିଜେଡିର ନେତା ଓ କର୍ମୀମାନେ ମିଛ ବିଲ୍ କରି କେନ୍ଦ୍ରରୁ ଆସୁଥିବା ଟଙ୍କା ନିଜ ଭିତରେ ବାଣ୍ଟି ନେଉଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମେତ ଅନେକ କେନ୍ଦ୍ରୀୟ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କ ପରିବର୍ତ୍ତେ ଦଳୀୟ କର୍ମୀଙ୍କୁ ବିଜେଡି ବାଣ୍ଟି ଦେଇ ଗରିବ ଜନତାଙ୍କୁ ପ୍ରତାରଣା କରୁଛି ବୋଲି ମହାନ୍ତି ଅଭିଯୋଗ କରିଛନ୍ତି। ନିର୍ବାଚନରେ ଜନସାଧାରଣ ଏହାର ଉଚିତ ଜବାବ ଦେବେ ବୋଲି ସେ କହିଛନ୍ତି।

# ଲକରରୁ ମିଳିଲା ବିପୁଳ ଟଙ୍କା, ଅଳଙ୍କାର

**ପୌରପରିଷଦ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ଘଟଣା**



- ୧୧.୪୪ ଲକ୍ଷ ଟଙ୍କାର ଅଳଙ୍କାର, ୨୮.୬୧ ଲକ୍ଷ ଟଙ୍କା ଜବତ
- ଭୁବନେଶ୍ୱର, କୋରାପୁଟ ଓ ବ୍ରହ୍ମପୁରରେ ୭ଟି ପ୍ଲଟ୍ ଠାବ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

କୋରାପୁଟ ଜିଲା ସୁନାବେଡ଼ା ପୌରପରିଷଦର ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କ ନିକଟରୁ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଶନିବାର ଚଢ଼ାଉର ଦ୍ୱିତୀୟ ଦିନରେ ଭୁବନେଶ୍ୱର ପୋଖରୀପୁଟରେ ଥିବା ୟୁନିଅନ୍ ବ୍ୟାଙ୍କ ଲକର୍ ଖୋଲାଯିବା ପରେ ବିପୁଳ ପରିମାଣର ଟଙ୍କା ଏବଂ ସୁନା ଓ ରୁପା ଅଳଙ୍କାର ଜବତ କରାଯାଇଛି। ଫଳରେ ମୋଟ ଜବତ ଟଙ୍କା ୨୮.୬୧ ଲକ୍ଷରେ ପହଞ୍ଚିଛି। ଏଥିସହ ୩୬୯.୧୦ ଗ୍ରାମ ସୁନା ଓ ୨୮୮.୫୧ ଗ୍ରାମ ରୁପା ଅଳଙ୍କାର ଜବତ ହୋଇଛି। ଏସବୁ ଅଳଙ୍କାରର ମୋଟ ମୂଲ୍ୟ ୧୧.୪୪ ଲକ୍ଷ ଟଙ୍କା ବୋଲି ଭିଜିଲାନ୍ସ ପକ୍ଷରୁ ଶନିବାର ପ୍ରେସ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ଆୟ ବହିର୍ଭୂତସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ମନୋଜଙ୍କ ସୁନାବେଡ଼ାସ୍ଥିତ ବାସଭବନ ଓ କାର୍ଯ୍ୟାଳୟ, ଭୁବନେଶ୍ୱର ପୋଖରୀପୁଟ ବାସଭବନ, ବ୍ରହ୍ମପୁର ଏବଂ ପାରଳାଖେମୁଣ୍ଡି ସମେତ ୬ଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇଥିଲା। ଏହି ଚଢାଉରେ ଭିଜିଲାନ୍ସର ୫ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଏଯାବତ୍ ନଗଦ ଟଙ୍କା ଓ ଅଳଙ୍କାର ସମେତ ପୋଖରୀପୁଟରେ ଗୋଟିଏ ୩ ବିଏଚ୍‌କେ ଫ୍ଲାଟ୍, ୫୫.୫୭ ଲକ୍ଷ ଟଙ୍କାର ବ୍ରହ୍ମପୁରରେ ୨ ମହଲା କୋଠା, ବ୍ରହ୍ମପୁରରେ ୩ଟି ପ୍ଲଟ, ଭୁବନେଶ୍ୱରରେ ଗୋଟିଏ ପ୍ଲଟ, କୋରାପୁଟରେ ୩ଟି ପ୍ଲଟ ଠାବ ହୋଇଛି। ଫିକ୍ସ ଡିପୋଜିଟ୍, ବ୍ୟାଙ୍କ ଇନ୍ସ୍ୟୁରାନ୍ସ ଓ ପୋଷ୍ଟାଲ ଡିପୋଜିଟ୍ ୪୦ ଲକ୍ଷ, ଘରେ ଥିବା ୧୬.୫୯ ଲକ୍ଷ ଟଙ୍କାର ସାମଗ୍ରୀ, ଗୋଟିଏ ୧୨.୮୮ ଲକ୍ଷ ଟଙ୍କାର କାର୍, ୨ଟି ବାଇକ ମଧ ଯାଞ୍ଚରୁ ମିଳିଛି। ତେବେ ଏଯାବତ୍ ହିସାବ ଜାରି ରହିଥିବାରୁ ଠାବ ହୋଇଥିବା ସମ୍ପତ୍ତି ଓ ସହ ଆୟ ବହିର୍ଭୂତ ସମ୍ପତ୍ତିର ମୋଟ ମୂଲ୍ୟ କେତେ ସେ ସମ୍ପର୍କରେ ଭିଜିଲାନ୍ସ ପକ୍ଷରୁ ସ୍ପଷ୍ଟ କରାଯାଇନାହିଁ। ଏନେଇ ତଦନ୍ତ ଚାଲୁ ରହିଥିବା ଭିଜିଲାନ୍ସ କହିଛି।

ସୂଚନାଯୋଗ୍ୟ, ସହକାରୀ ଯନ୍ତ୍ରୀ ମନୋଜ ଦୀର୍ଘ ୬ବର୍ଷରୁ ଊର୍ଦ୍ଧ୍ୱ ହେଲା କୋରାପୁଟ ପୌରପରିଷଦରେ କାର୍ଯ୍ୟରତ ଥିଲେ। ପ୍ରାୟ ୩ବର୍ଷ ହେବ ସେ ସୁନାବେଡ଼ା ପୌର ପରିଷଦର ସହକାରୀ ଯନ୍ତ୍ରୀ ଭାବେ ଅସ୍ଥାୟୀ ଦାୟିତ୍ୱରେ ଥିଲେ। ପରେ ତାଙ୍କର ଖୋର୍ଦ୍ଧା ଜିଲାକୁ ବଦଳି ହୋଇଥିଲା। ବର୍ଷେ ହେଲା ସେ ପୁଣି ସୁନାବେଡ଼ା ପୌର ପରିଷଦକୁ ସ୍ଥାୟୀ ସହକାରୀ ଯନ୍ତ୍ରୀ ଭାବେ ଫେରିଥିଲେ।

### ୧.୦୬%କୁ ଖସିଲା ସଂକ୍ରମଣ ହାର

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ଏବେ ତଳମୁହାଁ ରହିଛି। ଗତ ୨୪ଘଣ୍ଟାରେ ୫୦,୫୩୬ ନମୁନା ପରୀକ୍ଷା କରାଯାଇଥିବା ବେଳେ ୫୩୪ଜଣ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୧.୦୬%କୁ ଖସିଯାଇଛି। ଅନ୍ୟପକ୍ଷରେ ଦିନକରେ କରୋନା ଆଉ ୧୮ଜଣଙ୍କ ଜୀବନ ନେଇଛି। ସେହିପରି ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୯୪ଜଣ ରହିଛନ୍ତି। ରାଜ୍ୟରେ ମୋଟ ପଜିଟିଭ୍ ସଂଖ୍ୟା ୧୨,୮୧,୯୮୯ରେ ପହଞ୍ଚିଛି। ମୃତକ ୧୮ ଜଣଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୮, ଖୋର୍ଦ୍ଧାରୁ ୪, କେନ୍ଦ୍ରାପଡ଼ାରୁ ୨, ଅନୁଗୋଳ, ବାଲେଶ୍ୱର, ଗଞ୍ଜାମ ଓ କନ୍ଧମାଳରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କନ୍ଧମାଳର ଜଣେ୧୪ ବର୍ଷୀୟା ବାଳିକା ରହିଛନ୍ତି। ସେ ସିକିଲସେଲ୍ ଆନିମିଆରେ ପୀଡ଼ିତ ଥିଲେ । ଏମାନଙ୍କୁ ମିଶାଇ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୯୯୪କୁ ବୃଦ୍ଧି ପାଇଛି।



ଶିକ୍ଷାନୁଷ୍ଠାନରେ ହିଜାବ ପରିବର୍ତ୍ତେ ୟୁନିଫର୍ମ କୋଡ୍ ଲାଗୁ ଦାବି କରି ବନ୍ଦେ ମାତରମ୍ ସଙ୍ଗଠନ ପକ୍ଷରୁ ଶନିବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ।

## 'ଜେଲରେ ତ୍ରିନାଥଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇଦିଅ'

**ଚୌଦ୍ୱାର ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଲେ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ**

କଟକ ଅଫିସ,୧୯।୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ ହୋଇ ଜେଲ୍‌ରେ ଥିବା ପୋଲିସ କମ୍ୟୁନିକେଶନ ସେଲ୍‌ର ଅତିରିକ୍ତ ଏସ୍‌ପି ତ୍ରିନାଥ ମିଶ୍ରଙ୍କୁ ଆବଶ୍ୟକ ସେବା ଯୋଗାଇ ଦେବାକୁ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଶନିବାର ଚୌଦ୍ୱାର ଜେଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜେଲ ଡାକ୍ତରଙ୍କ ପରାମର୍ଶକ୍ରମେ ତ୍ରିନାଥଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଅଦାଲତ କହିଛନ୍ତି। ସେ ମଧୁମେହ ରୋଗରେ ଆକ୍ରାନ୍ତ ଥିବାରୁ ତାଙ୍କୁ ଘର ତିଆରି ଖାଦ୍ୟ ଖାଇବାକୁ ଅଦାଲତ ଅନୁମତି ଦେଇଛନ୍ତି। ସେ ୧୪ବର୍ଷ ହେଲା ଡାକ୍ତରଙ୍କ ପରାମର୍ଶରେ ନିୟମିତ ଇନ୍‌ସୁଲିନ ନେଉଛନ୍ତି। ସେ ଦେଢବର୍ଷ ହେବ ଅବଷ୍ଟ୍ରକଟିଭ୍ ସ୍ଲିପ୍ ଆମେନିଆ ରୋଗରେ ପୀଡ଼ିତ ଅଛନ୍ତି। ଏଥିପାଇଁ ନିୟମିତ ସି-ପ୍ୟାକ୍ ମେଶିନ୍ ଆବଶ୍ୟକତା ହୋଇଥାଏ । ଏହି ଚିକିତ୍ସା ମଧ ତ୍ରିନାଥ ନିୟମିତ କରିଥାନ୍ତି। ହେଲେ ଗିରଫ ହେବା ପରଠୁ ତାଙ୍କୁ ଏସବୁ ସୁବିଧା ମିଳିପାରୁନାହିଁ। ତେଣୁ ତାଙ୍କୁ ହସ୍ପିଟାଲରେ ରଖି ଚିକିତ୍ସା ଯୋଗାଇ ଦେବାକୁ ଭିଜିଲାନ୍ସ କୋର୍ଟରେ ପରିବାର ପକ୍ଷରୁ ଆବେଦନ କରାଯାଇଥିଲା। ସୂଚନାଥାଉ କି, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତ୍ରିନାଥଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଥିଲା। ପରେ ତାଙ୍କୁ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। ଏହାପରେ ତାଙ୍କୁ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମଙ୍ଗଳବାର ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ବେଳେ ପ୍ରାୟ ୯କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା, ଯାହାକି ତାଙ୍କ ଆୟର ୪୮୯% ଅଧିକ। ଦାମୀ କାର୍, ବାଇକ, କୋଠା, ଫାର୍ମ ହାଉସ, ନର୍ସିଂହୋମ, ଔଷଧ ପ୍ରସ୍ତୁତି ୟୁନିଟ୍, ଟ୍ରାନ୍ସପୋର୍ଟ ସଂସ୍ଥା, ଫ୍ଲାଟ୍ ଆଦି ତ୍ରିନାଥ ଓ ତାଙ୍କ ପରିବାରଙ୍କ ନାମରେ ରହିଥିବା ନେଇ ଭିଜିଲାନ୍ସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା।

# ୫ ଦିନିଆ ରିମାଣ୍ଡରେ ନକଲି ଡାକ୍ତର ରମେଶ

## ୩୦ ବର୍ଷର କଳାକାରନାମାର ଗୁମର ଖୋଜିବ ପୋଲିସ

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ସମ୍ପତ୍ତି ହାତେଇବା ପାଇଁ ବିଭିନ୍ନ ରାଜ୍ୟର ଏକାଧିକ ମହିଳାଙ୍କୁ ବିବାହ କରି ଜେଲରେ ଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ଶନିବାର ରିମାଣ୍ଡରେ ଆସିଛନ୍ତି। ମହିଳା ଥାନା ପୋଲିସ ଝାରପଡ଼ା ଜେଲରୁ ତାଙ୍କୁ ୫ଦିନିଆ ରିମାଣ୍ଡରେ ଆଣି ପଚରାଉଚରା ଜାରି ରଖିଛି। ପୋଲିସ ତାଙ୍କୁ ୭ଦିନିଆ ରିମାଣ୍ଡରେ ଆଣିବାକୁ କୋର୍ଟରେ ଆବେଦନ କରିଥିଲା। ହେଲେ କୋର୍ଟ ୫ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ। ଅଭିଯୁକ୍ତ ରମେଶଙ୍କୁ ଆଣି କମିଶନରେଟ ପୋଲିସ ଘନ ଘନ ଜେରା କରୁଛି। ରମେଶଙ୍କ ନାଁରେ ମହିଳା ଥାନା ଓ ଖଣ୍ଡଗିରି ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଏହା ବ୍ୟତୀତ ରାଜ୍ୟର ବିଭିନ୍ନ ସ୍ଥାନରୁ ତାଙ୍କ ବିରୋଧରେ ୧୧ଟି ଠକେଇ ଅଭିଯୋଗ ପୋଲିସ ପାଖରେ ପହଞ୍ଚିଲାଣି। ସେ ବିବାହ କରିଥିବା ଜଣେ ମହିଳାଙ୍କଠାରୁ ଡେବିଟ୍ ଓ କ୍ରେଡିଟ୍ କାର୍ଡ ଜରିଆରେ ପ୍ରାୟ ୨୦ ଲକ୍ଷ ଟଙ୍କା ନେଇଯାଇଥିବା ମଧ ଅଭିଯୋଗ ଆସିଛି। ତେବେ ଅଭିଯୁକ୍ତ ରମେଶ ଏକାକୀ ଏତେ କଳାକାରନାମା କିପରି କଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଘଟଣାରେ ତାଙ୍କ ସହ ଆଉ କେତେଜଣ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷରେ ପୋଲିସ ଏହି ରିମାଣ୍ଡ ଅବଧି ସମୟରେ ରମେଶଙ୍କ ଏକାଧିକ ଗୁମର ଖୋଲିବାକୁ ଆଶା ରଖିଛି। ରମେଶ ୩୦ ବର୍ଷରେ ପ୍ରକୃତରେ କେତେଜଣ ମହିଳାଙ୍କୁ ଜାଲରେ ଫସାଇ ବିବାହ କରିଛନ୍ତି, ଠକେଇ ଟଙ୍କା କେଉଁଠି ନିବେଶ କରିଛନ୍ତି, ସ୍ତ୍ରୀଙ୍କଠାରୁ ହାତେଇଥିବା ସୁନାଗହଣା



ସବୁ କେଉଁଠି ରଖିଛନ୍ତି, ଆଗାମୀ ଦିନରେ ସେ ଆଉ କେତେଜଣଙ୍କୁ ବିବାହ କରିବାକୁ ଟାର୍ଗେଟ ରଖିଥିଲେ, ତାଙ୍କ ସହ ଏହି ଠକାମିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ଏମ୍‌ବିବିଏସ୍‌ରେ ନାମ ଲେଖାଇବା ନାଁରେ ସେ ଆଉ କେତେ ଜଣଙ୍କୁ ଠକିଛନ୍ତି ପ୍ରଭୃତି ବିଭିନ୍ନ ପ୍ରଶ୍ନ ତଥା ଦିଗକୁ ନେଇ ପୋଲିସ ଟିମ୍ ତାଙ୍କଠାରୁ ତଥ୍ୟ ହାସଲ କରିବ। ରମେଶ ରାଜ୍ୟ ବାହାରେ ଫାର୍ମ ହାଉସ ଖୋଲିଥିବା ମଧ ପୋଲିସ ସୁରାକ ପାଇଛି। ତେବେ ଆବଶ୍ୟକତା ପଡ଼ିଲେ ପୋଲିସ ଟିମ୍ ବାହାର ରାଜ୍ୟକୁ ତଦନ୍ତ ପାଇଁ ଯିବ ବୋଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ଗଣମାଧ୍ୟମକୁ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଅଭିଯୁକ୍ତ ରମେଶ ବିଭିନ୍ନ ମାଟ୍ରିମୋନିଆଲ୍ ସାଇଟ୍ ଏବଂ ସୋସିଆଲ୍ ମିଡିଆରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରୁଥିଲେ। ଏହାପରେ ସେମାନଙ୍କଠାରୁ ଟଙ୍କା, ସୁନା ଓ ସମ୍ପତ୍ତି ଲୁଟୁଥିଲେ। ତେବେ ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ତାଙ୍କୁ ଗିରଫ ପାଇଁ କମିଶନରେଟ ପୋଲିସ ଅଣ୍ଟା ଭିଡ଼ିଥିଲା।

## ଏରୋକମ କମ୍ପାନୀରେ ଅଗ୍ନିକାଣ୍ଡ

ପିପିଲି,୧୯।୨(ସ୍ୱ.ପ୍ର.)

ପିପିଲି ଥାନା ସାତଶଙ୍ଖ ବଜାର ନିକଟରେ ଥିବା ଏରୋକମ ପ୍ରାଇଭେଟ ଲିମଟେଡ କମ୍ପାନୀରେ ଶୁକ୍ରବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଛି। ଫଳରେ କମ୍ପାନୀରେ ଥିବା ଲକ୍ଷାଧିକ ଟଙ୍କାର କପଡ଼ା, ଗଦି ଆଦି ନଷ୍ଟ ହୋଇଯାଇଛି। ସୂଚନା ମୁତାବକ, ସାତଶଙ୍ଖ ବଜାର ନିକଟରେ ଥିବା ଏରୋକମ କମ୍ପାନୀ ୧୯୭୯ ମସିହାଠାରୁ ବିଭିନ୍ନ ଗଦି ଓ କଏରଜନିତ ସାମଗ୍ରୀ ତିଆରି କରିଆସୁଥିଲା। ସବୁଦିନ ଭଳି ଶୁକ୍ରବାର କମ୍ପାନୀର କର୍ମଚାରୀମାନେ କାର୍ଯ୍ୟ ସାରି ସନ୍ଧ୍ୟା ପୂର୍ବରୁ ଫେରିଥିଲେ। ହେଲେ ବିଳମ୍ବିତ ରାତିରେ କମ୍ପାନୀରେ ହଠାତ୍ ଅଗ୍ନିକାଣ୍ଡ ହୋଇଥିଲା। କିଛି ସମୟ ପରେ କମ୍ପାନୀର ସିକ୍ୟୁରିଟି ଗାର୍ଡ ଏହାଜାଣି ତୁରନ୍ତ ଅଗ୍ନିଶମ ବିଭାଗକୁ ଫୋନ କରିବା ସହ କମ୍ପାନୀ ପରିଚାଳକ ନୀହାର ରଞ୍ଜନ ରାଉତଙ୍କୁ ଯୋଗାଯୋଗ କରିଥିଲେ। ଖବରପାଇ ସତ୍ୟବାଦୀ ଓ ପିପିଲି ଅଗ୍ନିଶମ



ବାହିନୀ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ଏପରି କି ପରେ ପୁରୀରୁ ଅଗ୍ନିଶମ ବାହିନୀ କର୍ମଚାରୀ ମଧ ପହଞ୍ଚି ସମ୍ପୂର୍ଣ୍ଣ ନିଆଁ ଲିଭାଇଥିଲେ। ନିଆଁ ଆୟତ୍ତ କରିବା ବେଳକୁ ତାହା ଚାରିଆଡ଼େ ବ୍ୟାପୀଯାଇଥିବାରୁ କମ୍ପାନୀର ଅଧିକାଂଶ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିବାବେଳେ କମ୍ପାନୀରେ ଥିବା ଷ୍ଟକ ଗଦି ସହ କଞ୍ଚାମାଲ୍ ଯାହାର ମୂଲ୍ୟ ପ୍ରାୟ ୩୦ ରୁ ୪୦ଲକ୍ଷ ଟଙ୍କା ହେବ ବୋଲି କମ୍ପାନୀ ପରିଚାଳକ ନୀହାର ରଞ୍ଜନ ରାଉତ କହିଛନ୍ତି।

## କୋଲକାତାରେ ହତ୍ୟା କରି ଓଡ଼ିଶାରେ ବୁଲୁଛନ୍ତି ଅଭିଯୁକ୍ତ

**ଫଟୋ ଜାରି କରି ସୂଚନା ଦେବାକୁ କହିଲା କ୍ରାଇମବ୍ରାଞ୍ଚ**

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ପଶ୍ଚିମବଙ୍ଗର ଭବାନୀପୁର ଥାନା ଅଞ୍ଚଳରେ ଜଣେ ବ୍ୟବସାୟୀଙ୍କୁ ଅପହରଣ ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ଏବେ ଓଡ଼ିଶାରେ ଆତ୍ମଗୋପନ କରିଛନ୍ତି। କୋଲକାତା ପୋଲିସ ପାଇଁ ମୋଷ୍ଟ ୱାଣ୍ଟେଡ୍ ଥିବା ଏହି ଅଭିଯୁକ୍ତ ହେଲେ ଦିଲ୍ଲୀର ବିମଲ ଶର୍ମା ଓରଫ ଶିବମ ସାଗର ଓରଫ ଆରବ ଶର୍ମା ଓରଫ ଶିବମ। ତାଙ୍କ ନାମରେ କୋଲକାତାର ଭବାନୀପୁର ଥାନାରେ ଦଫା ୩୬୪ଏ, ୫୦୬, ୩୦୨, ୩୪ ଆଇପିସିରେ ଏକ ମାମଲା (ନଂ. ୪୨/୨୦୨୨) ରୁଜୁ କରାଯାଇଛି। ଅଭିଯୁକ୍ତ ବିମଲ ଓଡ଼ିଶାର କଟକ, ଭୁବନେଶ୍ୱର କିମ୍ବା ଏହାର ଆଖପାଖ ଜିଲାରେ ଥିବା ଜଣାପଡ଼ିଛି। ତେଣୁ ତାଙ୍କୁ ଧରିବା ପାଇଁ କୋଲକାତା ପୋଲିସ ଓଡ଼ିଶା କ୍ରାଇମବ୍ରାଞ୍ଚର ସହାୟତା ଲୋଡ଼ିଛି। ଏ ନେଇ



ବିମଲ ଶର୍ମା

ଶନିବାର କ୍ରାଇମବ୍ରାଞ୍ଚ ନିଜ ଟୁଇଟର୍ ଆକାଉଣ୍ଟରେ ଅଭିଯୁକ୍ତଙ୍କ ଫଟୋ ଛାଡ଼ି ସୂଚନା ଦେଇଛି। ଅଭିଯୁକ୍ତ ବିମଲଙ୍କ ସମ୍ପର୍କରେ କୌଣସି ସୂଚନା ମିଳିଲେ କୋଲକାତା ପୋଲିସ ମୋବାଇଲ ନମ୍ବର (୯୮୭୪୯୬୫୫୬୬)କୁ କଲ୍ କରି ଜଣାଇବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

# ଅପମିଶ୍ରିତ ମସଲା କାରଖାନାରେ ଚଢ଼ାଉ

**ମସଲାରେ ମିଶାଯାଉଥିଲା ପୋକରା ଚାଉଳ, କେମିକାଲ**







- ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ମସଲା ଜବତ
- କାରଖାନା ସିଲ୍, ମାଲିକ ଅଟକ

କଟକ ସଦର, ୧୯।୨(ଡି.ଏନ୍.ଏ.)

କଟକ ଜିଲା ୪୨ ମୌଜା ଥାନା ଅନ୍ତର୍ଗତ ଦିବାଟିଠାରେ ଥିବା ଏକ ଅପମିଶ୍ରିତ ମସଲା କାରଖାନା ଶନିବାର ଠାବ କରାଯାଇଛି। ସ୍ଥାନୀୟ ପୋଲିସ ଓ କଟକ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ମିଳିତ ଚଢ଼ାଉ କରାଯାଇ ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଅପମିଶ୍ରିତ ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ମକା, ଧନିଆ, ଜିରାଗୁଣ୍ଡ ସହ କଞ୍ଚାମାଲ ଓ ଯନ୍ତ୍ରାଂଶ ଜବତ କରାଯାଇଛି। ଏହାପରେ କାରଖାନାକୁ ସିଲ୍ କରାଯିବା ସହ ୪୨ ମୌଜା ଥାନାରେ ଏକ ମାମଲା(ନଂ.୨୭/୨୨) ରୁଜୁ ହୋଇଛି। ଏହି ଘଟଣାରେ କାରଖାନା ମାଲିକ କଟକ ମଧୁପାଟଣା ଥାନା ଅନ୍ତର୍ଗତ କାଜିଡିହ ଗ୍ରାମର ଅଜୟ ଦାସ(୫୦)ଙ୍କୁ ପଚରାଉଚରା କରାଯାଉଥିବା ଥାନାଧିକାରୀ ଅନିତା ସାହୁ କହିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ୨୦୧୪ରୁ ଅଜୟ ଉକ୍ତ କାରଖାନା ଖୋଲି ବ୍ୟବସାୟ କରିଆସୁଥିଲେ। ସେଠାରେ ବିଭିନ୍ନ ମସଲାକୁ ଅପମିଶ୍ରଣ କରାଯିବା ପରେ ପ୍ୟାକିଂ କରି ବିକ୍ରି ପାଇଁ ପଠାଯାଉଥିଲା। ଏ ସମ୍ପର୍କରେ ଖବର ମିଳିବା ପରେ ସନ୍ଧ୍ୟାରେ ଏସିପି ଚନ୍ଦନ ଘଡେଇ, କଟକ ଖାଦ୍ୟ ନିରାପତ୍ତା ଅଧିକାରୀ ରାକେଶ କୁମାର ସାହୁ ଓ ଥାନାଧିକାରୀ ସାହୁଙ୍କ ସମେତ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ସେଠାରେ ପୋକରା ଚାଉଳ ଓ କେମିକାଲ ଗୁଣ୍ଡ ମିଶାଯାଇ ଲଙ୍କା, ହଳଦୀ, ଜିରାଗୁଣ୍ଡ ପ୍ରସ୍ତୁତ ହେଉଥିବା ଜଣାପଡିଥିଲା। ହେଲେ ଏହି ସାମଗ୍ରୀ କେଉଁ ସ୍ଥାନକୁ ପଠାଯାଉଥିଲା ସେ ବିଷୟରେ ଜାଣିବା ପାଇଁ ଅଧିକ ଖୋଳତାଡ଼ ଆରମ୍ଭ ହୋଇଛି। ଏଥିସହ ଜବତ ସାମଗ୍ରୀର ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଲାବରେଟୋରିକୁ ପଠାଯିବ ବୋଲି ଏସିପି ଘଡେଇ କହିଛନ୍ତି।

ସୂଚନାଯୋଗ୍ୟ, ଗତ କିଛି ମାସ ମଧ୍ୟରେ କଟକ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ନକଲି ସିମେଣ୍ଟ, ଜର୍ଦ୍ଦା, ଅପମିଶ୍ରିତ ସସ୍, ମସଲା, ଘିଅ ଓ ତେଲ କାରଖାନା ଠାବ କରାଯାଇଛି। ସେଠାରୁ ବିପୁଳ ପରିମାଣର ନକଲି ଓ ଅପମିଶ୍ରିତ ସାମଗ୍ରୀ ମଧ ଜବତ ହୋଇଛି। କେତେକ ଘଟଣାରେ କାରଖାନା ମାଲିକଙ୍କୁ ଗିରଫ କରାଯାଇଛି। କାରଖାନା ମାଲିକମାନେ ଅଧିକ ଲାଭ ଆଶାରେ ଅପମିଶ୍ରିତ ସାମଗ୍ରୀ ବିକ୍ରି କରି ଲାଭବାନ୍ ହେଉଥିବାବେଳେ ଲୋକମାନେ ଏହାକୁ ଖାଇ ରୋଗରେ ପଡୁଛନ୍ତି। ହେଲେ ପୋଲିସ ଏହି ବେଆଇନ କାରବାରକୁ ସମ୍ପୂର୍ଣ୍ଣ ରୋକିବାରେ ବିଫଳ ହେଉଛି।

## ସଂକ୍ଷେପରେ

### ଡିକି ଭାଙ୍ଗି ୧ ଲକ୍ଷ ଟଙ୍କା ନେଇଗଲେ

ଗୋପ,୧୯।୨(ଡି.ଏନ୍.ଏ.): ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ଶନିବାର ପୂର୍ବାହ୍ନରେ ଜଣେ ବ୍ୟକ୍ତିଙ୍କ ସ୍କୁଟି ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୧ ଲକ୍ଷ ଟଙ୍କା ଚୋରି ନେଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ. ୫୯/୨୨)ରେ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଏରବଙ୍ଗ ଗ୍ରାମର ଜୟବ୍ରତ ପ୍ରଧାନ ଗୋପ ଷ୍ଟେଟ୍ ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା ଉଠାଇ ତାଙ୍କ ଘରକୁ ସ୍କୁଟିରେ ଯାଉଥିଲେ। ମାତ୍ର କୌଣସି କାମରେ ଜୟବ୍ରତ ବେଗୁନିଆ ଛକ ନିକଟ ନୀଳାଚଳ ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ସ୍କୁଟି ରଖି ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କରୁ ଫେରି ଦେଖିବା ବେଳେ ସ୍କୁଟି ଡିକି ଭାଙ୍ଗି ଟଙ୍କା ଚୋରି କରି ନେଇଯାଇଥିଲେ। ଜୟବ୍ରତ ବେଗୁନିଆ ବଜାରରେ ଖୋଜାଖୋଜି କରି ନିରାଶ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଗୋପ ଷ୍ଟେଟ ବ୍ୟାଙ୍କରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଲାଇଛି।

### ଦଳୀୟ ପ୍ରାର୍ଥୀଙ୍କ ପାଇଁ ଏମ୍‌ପିଙ୍କ ପ୍ରଚାର

ବାଲିଅନ୍ତା,୧୯।୨(ଡି.ଏନ୍.ଏ.): ଜୟଦେବ ନିର୍ବାଚନ ମଣ୍ଡଳୀର ବାଲିଅନ୍ତା ବ୍ଲକ ଅଧୀନ ୧୬ନଂ. ଜୋନ ଜିଲା ପରିଷଦ ପ୍ରାର୍ଥୀ ସିଦ୍ଧେଶ୍ୱର ନାଥଙ୍କ ପାଇଁ ଭାଜପା ପକ୍ଷରୁ ଶନିବାର ପ୍ରଚାର କରାଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏଥିରେ ସାମିଲ ହୋଇ ବଇଁଚୁଆ ଗ୍ରାମରେ ପ୍ରତି ଘରକୁ ଘର ବୁଲି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ବଇଁଚୁଆ ହାଟ ଛକରୁ ବାହାରି ଭେଲୁରୀ ଜଗତ ଛକ, ଜେନା ସାହି, ମଝି ସାହି, ପାଟରା ସାହି, ମହାନ୍ତି ସାହି, ବଢ଼େଇ ସାହି, ବିଲ ସାହି, ୬ଘର ଓ ୯ ଘର ସାହିର ପ୍ରାୟ ୩କି.ମି. ରାସ୍ତାକୁ ଚାଲି ଚାଲି ଏମ୍‌ପି ଷଡ଼ଙ୍ଗୀ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିଅନ୍ତା ମଣ୍ଡଳ ସଭାପତି ସଞ୍ଜୟ ପରିଜା, ସମ୍ପାଦକ ଦେବେନ୍ଦ୍ର ସାହୁ, କୋଷାଧ୍ୟକ୍ଷ ମାନସ ସାହୁ, ସମିତିସଭ୍ୟା ରାଜଲକ୍ଷ୍ମୀ ନାଥ ଓ ହରପ୍ରିୟା ସାହୁ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ।

### ମହିଳାଙ୍କ ମୃତଦେହ ଜବତ: ସ୍ୱାମୀ, ଶ୍ୱଶୁର ଅଟକ

ନିରାକାରପୁର,୧୯।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ଶନିବାର ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ସେ ହେଲେ ଏହି ଥାନା ଅଧୀନ ବାଲିଗାଡ଼ିଆ ଗ୍ରାମର ଜ୍ୟୋତ୍ସ୍ନା ପ୍ରଧାନ(୨୫)। ବ୍ୟବଚ୍ଛେଦ ପରେ ମୃତଦେହ ବାପଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ଜ୍ୟୋତ୍ସ୍ନାଙ୍କୁ ମାରି ଫ୍ୟାନ୍‌ରେ ଟଙ୍ଗାଇ ଦେଇଛନ୍ତି ବୋଲି ବାପା ଅଶୋକ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ମୃତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, କଟକ ଜିଲା ସଦର ଥାନା ଅନ୍ତର୍ଗତ ନୂଆଗଡ଼ ତେଲେଙ୍ଗାପେଣ୍ଠ ସାହିର ଜ୍ୟୋତ୍ସ୍ନା ୭ମାସ ପୂର୍ବେ ବାଲିଗାଡ଼ିଆ ଗ୍ରାମର ସୁନୀଲ ସାମନ୍ତରାୟଙ୍କୁ ବିବାହ କରିଥିଲେ। ତେବେ କୌଣସି କାରଣ ନେଇ ଶୁକ୍ରବାର ଅପରାହ୍ନରେ ଜ୍ୟୋତ୍ସ୍ନା ଫ୍ୟାନ୍‌ରେ ଝୁଲୁଥିବା ଦେଖି ଶାଶୁଘର ଲୋକେ ସଙ୍ଗେସଙ୍ଗେ ଚିକିତ୍ସା ପାଇଁ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ବାପା ଅଶୋକଙ୍କ ଅଭିଯୋଗକ୍ରମେ ପୋଲିସ ମୃତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଏଏସ୍‌ଆଇ ଶରତ ପାଇକରାୟ କହିଛନ୍ତି।

### ୨୧ରେ ଶ୍ରେଷ୍ଠ ଓଡ଼ିଆଣୀ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୯।୨(ବ୍ୟୁରୋ): ସଂଭାବନା ପକ୍ଷରୁ ଷୋଡ଼ଶ ବର୍ଷ ପାଇଁ ଓଡ଼ିଆ ମହୋତ୍ସବ ଓ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା-୨୦୨୧ ମହାମାରୀ କୋଭିଡ୍ ପାଇଁ ବିଳମ୍ବ ହେବା ଏହି କାର୍ଯ୍ୟକ୍ରମରେ ଶ୍ରେଷ୍ଠ ଓଡ଼ିଆଣୀ ସହ କୃତୀ ଓଡ଼ିଆଣୀମାନଙ୍କୁ ଆସନ୍ତା ବିଶ୍ୱ ମାତଭାଷା ଦିବସ ଅବସରରେ ସମ୍ବର୍ଦ୍ଧିତ କରାଯିବ। ଆସନ୍ତା ୨୧ ତାରିଖ ସନ୍ଧ୍ୟା ୫ଟାରେ ଜୟଦେବ ଭବନରେ ଏହି କାର୍ଯ୍ୟକ୍ରମ ହେବ। ଏଥିରେ କଣ୍ଠଶିଳ୍ପୀ ତୃପ୍ତି ଦାସ ଓଡ଼ିଆ ମହୋତ୍ସବର ଅଧ୍ୟକ୍ଷ ତଥା ଓଡ଼ିଶା ହାଉସିଂ ବୋର୍ଡର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ସଂଭାବନାର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର ପ୍ରମୁଖ ଯୋଗଦେବେ। ଏହି ଅବସରରେ ଗାୟିକା ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତପଥି, ଅର୍ଣ୍ଣବ ପଣ୍ଡା ଏବଂ ବିପୁଲ ପ୍ରମୁଖ ଓଡ଼ିଆ ସଙ୍ଗୀତ ପରିବେଷଣ କରିବେ ବୋଲି ସଂଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜା ସୂଚନା ଦେଇଛନ୍ତି।

# ଗବେଷଣା କ୍ଷେତ୍ରରେ ସହାୟକ ହେବ ପୁରାତନ ନଥି

## ରାଜସ୍ୱ ପର୍ଷଦ-ଇନ୍‌ଟାକ ମଧ୍ୟରେ ଏମ୍‌ଓୟୁ

କଟକ ଅଫିସ, ୧୯।୨



ରାଜସ୍ୱ ପର୍ଷଦର ପୁରାତନ ନଥିପତ୍ରଗୁଡ଼ିକର ସଂରକ୍ଷଣ ନିମନ୍ତେ ଏମ୍‌ଓୟୁ ସ୍ୱାକ୍ଷରିତ ହେଉଛି।

କଟକସ୍ଥିତ ରାଜସ୍ୱ ପର୍ଷଦ ଓ ଭୁବନେଶ୍ୱରସ୍ଥିତ ସଂରକ୍ଷଣ ସଂସ୍ଥା ଇନ୍‌ଟାକ ମଧ୍ୟରେ ଶନିବାର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ରାଜସ୍ୱ ପର୍ଷଦର ବିରଳ ତଥା ପୁରାତନ ନଥିପତ୍ରଗୁଡ଼ିକର ସଂରକ୍ଷଣ ନିମନ୍ତେ ଉକ୍ତ ଏମ୍‌ଓୟୁ କରାଯାଇଛି। ରାଜସ୍ୱ ପର୍ଷଦ ସଚିବ ସୁବ୍ରତ ଶତପଥୀ ଏବଂ ଇନ୍‌ଟାକ୍‌ର ନିର୍ଦ୍ଦେଶିକା ମଲ୍ଲିକା ମିତ୍ର ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ରାଜସ୍ୱ ପର୍ଷଦ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପର୍ଷଦର ସଦସ୍ୟ ଜି.ଭି. ଭେନୁଗୋପାଳ ଶର୍ମା ଅଧ୍ୟକ୍ଷତା କରି କହିଥିଲେ, ପୁରାତନ ନଥିପତ୍ରଗୁଡ଼ିକର ସଂରକ୍ଷଣ ଆଗାମୀ ଦିନରେ ରାଜସ୍ୱ ବିଭାଗୀୟ କାର୍ଯ୍ୟଧାରାରେ ବହୁ ଉପାଦେୟତା ଉପଲବ୍ଧି କରାଇପାରିବ। ଇନ୍‌ଟାକ ଓଡ଼ିଶାର ଉପଦେଷ୍ଟା ସଞ୍ଜୀବ ଚନ୍ଦ୍ର ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ନଥିପତ୍ରଗୁଡ଼ିକର ସଂରକ୍ଷଣ ପୂର୍ବରୁ ଏ ସବୁର ଉପାଦେୟତା, ଉପଲବ୍ଧି ସମ୍ପର୍କରେ ଯାଞ୍ଚ ଓ ସବିଶେଷ ତଥ୍ୟ ହାସଲ କରିବାକୁ କହିଥିଲେ। ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢୀ ଯୋଗଦେଇ ଗବେଷଣା କ୍ଷେତ୍ରରେ ପୁରାତନ ନଥିଗୁଡ଼ିକ ସହାୟକ ହେବ ବୋଲି କହିଥିଲେ। ଏଣୁ ସେଗୁଡ଼ିକୁ ଆଧୁନିକ ରେକର୍ଡ ରୁମ୍‌ରେ ସଂରକ୍ଷିତ ରଖିବାକୁ ସେ ଗୁରୁତ୍ୱ ଦେଇଥିଲେ। ଇନ୍‌ଟାକ୍ ଓଡ଼ିଶାର ଆବାହକ ଅମୀୟ ଭୂଷଣ ତ୍ରିପାଠୀ ଯୋଗଦେଇ ସଂରକ୍ଷଣ ପ୍ରକ୍ରିୟା ଅଟକି ନ ଯାଇ ନିୟମିତ କରିବାକୁ ଗୁରୁତ୍ୱ ଦେଇଥିଲେ। ଏଥିରେ ବୈକୁଣ୍ଠ ନାଥ ପାଣିଗ୍ରାହୀ, ଗୋପାଳକୃଷ୍ଣ ବେହେରା, ତୁଷାରକାନ୍ତି ଘୋଷ, ଜୟନ୍ତୀ ସିଂ, ସଞ୍ଜିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରାଜସ୍ୱ ପର୍ଷଦର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

## ଲୋକ ଅଦାଲତରେ ୮ ମାମଲା ଫଇସଲା

କଟକ ଅଫିସ,୧୯।୨

ରାଜ୍ୟ ଖାଉଟି ବିବାଦ ସମାଧାନ କମିଶନଙ୍କ କାର୍ଯ୍ୟାଳୟରେ ଶନିବାର ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରପତି ଦୁର୍ଗା ପ୍ରସନ୍ନ ଚୌଧୁରୀ ଯୋଗଦେଇ ୮ଟି ମାମଲାର ଶୁଣାଣି କରି ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ କଞ୍ଜ୍ୟୁମର ବାର୍ ଆସୋସିଏଶନ ସଭାପତି କରୁଣାକର ଜେନା, ସମ୍ପାଦକ ଅଶ୍ୱିନୀ କୁମାର ସାହୁ, ଶାନ୍ତନୁ କୁମାର ଦାସ, ବ୍ୟକ୍ତିଗତ ସଚିବ ବିଜୟ କୁମାର ମହାପାତ୍ର, ବିଭାଗୀୟ ଅଧିକାରୀ ଭାସ୍କର ସାମଲଙ୍କ ସମେତ ଆଇନଜୀବୀମାନେ ଯୋଗଦେଇଥିଲେ।

ଜନ୍ମଦିନ ଶୁଭେଚ୍ଛା
(ମାମୁନ୍)
ଆଦ୍ୟାଶା ମହାନ୍ତି
ମହତାବ ରୋଡ୍, ଭୁବନେଶ୍ୱର
ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାମା, ଜେଜେ, ଜେଜେମା', ବଡ଼ବାପା, ବଡ଼ମା', ସାନବଡ଼ବାପା, କୁଇନା ଅପା, ନେହା ଅପା, ଭାଇ, ଅଜା, ଆଈ, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୨୩୨୦୩

MISSING
ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୧୫୮

# ୧୧୬୮ ପ୍ରାର୍ଥୀଙ୍କ ଆଜି ଭାଗ୍ୟ ନିର୍ଦ୍ଧାରଣ

ଖୋର୍ଦ୍ଧା ଅଫିସ/ବାଲୁଗାଁ, ୧୯।୨(ଡି.ଏନ୍.ଏ.)


ମତଦାନ ପୂର୍ବରୁ ଏକ ବୁଥ୍‌ରେ ପ୍ରସ୍ତୁତି ଚାଲିଛି।

**ଖୋର୍ଦ୍ଧା ଓ ଚିଲିକା ବ୍ଲକ୍**
- ୫୫୦ ବୁଥ୍‌ରେ ହେବ ଭୋଟ୍ ଗ୍ରହଣ
- ୨ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ମତ ସାବ୍ୟସ୍ତ କରିବେ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରବିବାର ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ଚିଲିକା ଓ ଖୋର୍ଦ୍ଧା ବ୍ଲକର ୬ ଜିଲା ପରିଷଦ, ୩୯ ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚ, ୫୫୦ ୱାର୍ଡମେମ୍ବର ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ସେଥିରୁ ଚିଲିକା ବ୍ଲକର ୩ ଜିଲା ପରିଷଦ, ୧୭ ପଞ୍ଚାୟତର ୨୨୫ ୱାର୍ଡ ଏବଂ ଖୋର୍ଦ୍ଧା ବ୍ଲକର ୩ ଜିଲା ପରିଷଦ, ୨୨ ପଞ୍ଚାୟତର ୩୨୫ ୱାର୍ଡ ରହିଛି। ଚିଲିକା ବ୍ଲକର ୪୩ ସମିତିସଭ୍ୟ, ୫୬ ସରପଞ୍ଚ, ୩୨୭ ୱାର୍ଡମେମ୍ବର ଓ ୧୦ ଜିଲା ପରିଷଦ ଏବଂ ଖୋର୍ଦ୍ଧା ବ୍ଲକରେ ୮୨ ସମିତିସଭ୍ୟ, ୧୦୬ ସରପଞ୍ଚ, ୫୨୯ ୱାର୍ଡମେମ୍ବର, ୧୫ ଜିଲା ପରିଷଦ ମୋଟ୍ ୧୧୬୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଚିଲିକା ବ୍ଲକରେ ୯୬,୨୨୯ ଓ ଖୋର୍ଦ୍ଧା ବ୍ଲକରେ ୧,୧୧,୮୫୦ ଭୋଟର ମୋଟ ୨,୦୮,୦୭୯ ଭୋଟ୍‌ଦାତା ମତ ସାବ୍ୟସ୍ତ କରିବେ। ଚିଲିକାରେ ୧୭ ଓ ଖୋର୍ଦ୍ଧାରେ ୨୦ଜଣ ସେକ୍ଟର ଅଫିସର ନିଯୁକ୍ତ ହୋଇଛନ୍ତି। ରବିବାର ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଭୋଟଦାନ ଅନୁଷ୍ଠିତ ହେବ। ଚିଲିକା ବ୍ଲକର ୨୨୫ ବୁଥ୍‌ରେ ମତଦାନ ହେବ। ସେଥିରୁ ୪୩ ଅତି ସମ୍ବେଦନଶୀଳ, ୮୩ ସମ୍ବେଦନଶୀଳ ଓ ୯୯ଟି ସାଧାରଣ ବୁଥ୍ ରହିଛି। ଖୋର୍ଦ୍ଧା ବ୍ଲକର ୩୨୫ କେନ୍ଦ୍ରରେ ମତଦାନ ହେବ। ସେଥିରୁ ୧୦୨ ଅତିସମ୍ବେଦନଶୀଳ, ୯୬ ସମ୍ବେଦନଶୀଳ ଓ ୧୨୭ ସାଧାରଣ ବୁଥ୍ ରହିଛି। ସମସ୍ତ ପୋଲିଂ ଅଫିସର ସମ୍ପୃକ୍ତ ବ୍ଲକରେ ରିପୋର୍ଟିଂ ପରେ ନିଜ ନିଜ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ପ୍ରତି ବ୍ଲକରେ ଗୋଟିଏ ପିଙ୍କ୍ ବୁଥ୍ ରହିଛି। ଉକ୍ତ ମତଦାନ କେନ୍ଦ୍ରରେ ପ୍ରିଜାଇଡିଂ, ପୋଲିଂ ଏବଂ ସୁରକ୍ଷାକର୍ମୀ ଭାବେ କେବଳ ମହିଳା କର୍ମଚାରୀ ହିଁ ରହିବେ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, ଜିଲାରେ ଦୁଇ ପର୍ଯ୍ୟାୟରେ ୪ଟି ବ୍ଲକର ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ମତଦାନ ପରେ ବାଲଟ ବାକ୍ସକୁ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବ୍ଲକ କାର୍ଯ୍ୟାଳୟ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି। ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

# ନାବାଳିକାଙ୍କ ବାହାଘର ରୋକିଲା ଚାଇଲ୍ଡଲାଇନ୍

ଭୁବନେଶ୍ୱର, ୧୯।୨(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ନାବାଳିକା ବିବାହ ଉଦ୍ୟମ ହୋଇଛି। ଏହି ବିବାହକୁ ଚାଇଲ୍ଡ ଲାଇନ ରୋକିଛି। ଖଣ୍ଡଗିରି ଥାନା ଡୁମୁଡୁମା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ପରିବାର ଲୋକେ ଜଣେ ନାବାଳିକାଙ୍କୁ ବାହାଘର କରୁଥିବା ଖବର ପାଇ ଚାଇଲ୍ଡ ଲାଇନ, ସ୍ଥାନୀୟ ସିଡିପିଓ ଓ ଖଣ୍ଡଗିରି ପୋଲିସ ସେଠାରେ ପହଞ୍ଚିଥିଲେ। ସମ୍ପୃକ୍ତ ନାବାଳିକାଙ୍କୁ ଚାଇଲ୍ଡଲାଇନ ଉଦ୍ଧାର କରିବା ପରେ ନିଜ ହେପାଜତରେ ରଖି କାଉନସେଲ କରୁଛି। ଚାଇଲ୍ଡଲାଇନ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ନାବାଳିକାଙ୍କ ପ୍ରକୃତ ବୟସ ୧୬ ବର୍ଷ ହୋଇଥିବାବେଳେ ଆଧାରକାର୍ଡରେ ୨୧ ବର୍ଷ ରହିଛି। ସେ ନବମ ଶ୍ରେଣୀରେ ପଢୁଥିଲେ ହେଁ ତାଙ୍କ ବୟସକୁ ବଢ଼ାଇ ଦିଆଯାଇଥିବା କୁହାଯାଉଛି। ଏନେଇ ଖୋର୍ଦ୍ଧା ଡିସିପିଓ ଏବଂ ସିଡବ୍ଲ୍ୟୁସିଙ୍କୁ ଅବଗତ କରାଯାଇଛି। ଖଣ୍ଡଗିରି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ନାବାଳିକାଙ୍କ ପ୍ରକୃତ ବୟସ କେତେ ତାହା ଜଣାପଡ଼ିନାହିଁ। ଏ ନେଇ ଲିଖିତ ଅଭିଯୋଗ ମଧ୍ୟ ହୋଇ ନାହିଁ। ଅଭିଯୋଗ ହେଲେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

## ନିର୍ବାଚନ ପୂର୍ବରୁ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

ଖୋର୍ଦ୍ଧା ଅଫିସ,୧୯।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ରବିବାର ତୃତୀୟ ପର୍ଯ୍ୟାୟରେ ଚିଲିକା ଏବଂ ଖୋର୍ଦ୍ଧା ବ୍ଲକ ପାଇଁ ଭୋଟ ଗ୍ରହଣ କରାଯିବ। ଏହାର ଅବ୍ୟବହିତ ପୂର୍ବରୁ ଶନିବାର ଖୋର୍ଦ୍ଧା ଓ ଚିଲିକାରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ମତଦାନକୁ ସ୍ୱଚ୍ଛ, ଅବାଧ, ମୁକ୍ତ ଓ ଶାନ୍ତିଶୃଙ୍ଖଳାରେ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ସମ୍ବେଦନଶୀଳ ବୁଥ୍ ଉପରେ ନଜର ରଖାଯିବ ବୋଲି ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର କହିଛନ୍ତି। ଉଭୟ ବ୍ଲକର ୫୫୦ଟି ବୁଥ୍‌ରେ ଭୋଟ ହେବ।


ଷ୍ଟ୍ରଙ୍ଗରୁମ୍ ସୁରକ୍ଷା ଦାବିରେ ଶନିବାର ନିଶ୍ଚିନ୍ତକୋଇଲି ବ୍ଲକ କଟକ-ଚାନ୍ଦବାଲି ରାସ୍ତାର ଶୁକରପଡ଼ା ନିକଟରେ ଲୋକେ ରାସ୍ତାରୋକୋ କରିଛନ୍ତି।

## ୧୬ ନଂ. ଜୋନ୍‌ରେ ବିଜେଡିର ରୋଡ୍ ଶୋ

ବାଲିଅନ୍ତା,୧୯।୨(ଡି.ଏନ୍.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ୧୬ନଂ. ଜିଲା ପରିଷଦ ଜୋନରେ ବିଭିନ୍ନ ପ୍ରାର୍ଥୀଙ୍କ ପ୍ରଚାର ଜୋରସୋରରେ ଆଗେଇ ଚାଲିଛି। ଶନିବାର ବିଜୁ ଜନତା ଦଳ ପକ୍ଷରୁ ଦଳୀୟ ପ୍ରାର୍ଥୀ ମହେଶ୍ୱର ଦାସଙ୍କ ପାଇଁ ଏକ ବିରାଟ ରୋଡ୍ ଶୋ କରାଯାଇଥିଲା। ଏଥିରେ ରାଜ୍ୟସଭା ଏମ୍‌ପି ମୁନ୍ନା ଖାଁ ଯୋଗଦେଇ ବିଜେଡି ପ୍ରାର୍ଥୀ ଦାସଙ୍କ ପାଇଁ ପ୍ରଚାର କରିଥିଲେ। ଏକ ଖୋଲା ଜିପ୍‌ରେ ପ୍ରାର୍ଥୀ ଦାସଙ୍କ ସହ ଏମ୍‌ପି ଖାଁ ବେଣ୍ଟପୁର, ବାଲିଅନ୍ତା, ଜଗନ୍ନାଥପୁର ଓ ବଇଁଚୁଆ ପଞ୍ଚାୟତକୁ ବୁଲି ଭୋଟ ଭିକ୍ଷା କରିଥିଲେ। ଏହି ରୋଡ୍ ଶୋ'ରେ ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ, ଆମ ସଙ୍ଗଠନର ମୁଖ୍ୟ କମଳ କୁମାର ପାତ୍ର, ବାଲିଅନ୍ତା ବ୍ଲକ ବିଜେଡି ସଭାପତି ପ୍ରଦୀପ ଜେନାମଣୀ, ଅମରେଶ ଜେନା ଓ ଅମରଜିତ ସେନାପତିଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଓ କର୍ମୀ ସାମିଲ ଥିଲେ। ରୋଡ୍ ଶୋ ପୂର୍ବରୁ କୁଶମଠ ଖେଳପଡ଼ିଆରେ ଏକ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ଏଥିରେ ବାଲିଅନ୍ତାର ଭାଜପା ନେତା ସନ୍ତୋଷ କୁମାର ସାହୁଙ୍କ ସମେତ ୫ଜଣ ଭାଜପା କର୍ମୀ ବିଜେଡିରେ ଯୋଗଦେଇଥିଲେ। ଜିଲା ସଭାପତି ବଳବନ୍ତରାୟ ନୂତନ କର୍ମୀମାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ।




# ଆଇଏମ୍‌ଏ ଓଡ଼ିଶା ଶାଖାର ନୂତନ କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର,୧୯।୨(ବ୍ୟୁରୋ)

ଭାରତୀୟ ଚିକିତ୍ସକ ସଂଘ (ଆଇଏମ୍‌ଏ) ଓଡ଼ିଶା ଶାଖାର ୭୩ତମ ରାଜ୍ୟ ପରିଷଦ ଶନିବାର ସଂଘର ରାଜ୍ୟ ଶାଖା ଭବନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରିଷଦରେ ରାଜ୍ୟ ଶାଖା କର୍ମକର୍ତ୍ତା ସହିତ ବିଭିନ୍ନ ଶାଖାର ସଭାପତି, ସମ୍ପାଦକ ତଥା ପ୍ରତିନିଧି ଯୋଗଦେଇଥିଲେ। ଅଧିବେଶନରେ ଆଇଏମ୍‌ଏର ପୂର୍ବତନ ଜାତୀୟ ସଭାପତି ଡା. ଆବାସ୍ ଯୋଗଦେଇଥିଲେ। ୨୦୨୨-୨୩ ବର୍ଷ ପାଇଁ ରାଜ୍ୟ ସଭାପତି ଭାବେ ବିଶିଷ୍ଟ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ରଜତ କୁମାର ରାୟ, ରାଜ୍ୟ ଶାଖା ସମ୍ପାଦକ ଭାବେ ଡା. ବ୍ରଜ କିଶୋର ଦାଶ, ରାଜ୍ୟ ଅର୍ଥ ସମ୍ପାଦକ ଭାବେ ଡା. ମୃତ୍ୟୁଞ୍ଜୟ ମହାପାତ୍ର, ସହସମ୍ପାଦକ ଭାବେ ଡା. ଦେବ ପ୍ରସାଦ ମହାନ୍ତି, ଡା. ଦୀପକ କୁମାର ପାଢୀ, ସାମାଜିକ କଲ୍ୟାଣ ସମ୍ପାଦକ ଭାବେ ଡା. ସମ୍ରାଟ କର ନିର୍ବାଚିତ ହୋଇଛନ୍ତି। ସେହିପରି ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଭାବେ ରାଜ୍ୟ ଶାଖା ତରଫରୁ ଡା. ଜନ୍ମେଜୟ ମହାପାତ୍ର, ଡା. ବାନାମ୍ବର ସେନାପତି, ଡା. ଜୟନ୍ତ କୁମାର ପଣ୍ଡା, ଡା. ବି.ନାଗେଶ୍ୱର ରାଓ ସୁବୁଦ୍ଧି, ଡା. ମନୋଜ କୁମାର ଛୋଟରାୟ ଏବଂ ଡା. ସୁବାସ ଚନ୍ଦ୍ର ସାହୁ ନିର୍ବାଚିତ ହୋଇଛନ୍ତି।

# ଉତ୍ତର ଓଡ଼ିଶା ବିକାଶରେ କିରଣ ସାହୁଙ୍କ ଅବଦାନ ରହିଛି

ଭୁବନେଶ୍ୱର,୧୯।୨(ବ୍ୟୁରୋ)



ସ୍ମୃତିସଭାରେ ମଞ୍ଚାସୀନ ଅତିଥିମାନେ।

ଓଡ଼ିଶା ସାମାଜିକ ସଙ୍ଗଠନ ସମୂହ ପକ୍ଷରୁ ଅବସରପ୍ରାପ୍ତ ଉଇଙ୍ଗ୍ କମାଣ୍ଡର ତଥା କେନ୍ଦୁଝରର ମାଟିର ପୁତ୍ର ସ୍ୱର୍ଗତ ଇଂ. କିରଣ ଶଙ୍କର ସାହୁଙ୍କ ତ୍ରୟୋଦଶରେ ଶନିବାର ଭୁବନେଶ୍ୱରସ୍ଥିତ ଲୋହିଆ ଭବନରେ ସାମାଜିକ କର୍ମୀ ସଚ୍ଚିକାନ୍ତ ପ୍ରଧାନ ଆବାହକତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ୧୯୪୦ ସେପ୍ଟେମ୍ବର ୧୧ରେ ମୟୂରଭଞ୍ଜ ଜିଲା କରଞ୍ଜିଆରେ ଜନ୍ମିତ କିରଣ ୧୯୮୯ରେ ସ୍ୱେଚ୍ଛାକୃତ ଅବସର ନେଇ ଉତ୍ତର ଓଡ଼ିଶାର ବିକାଶ ପାଇଁ ଅଗେଇ ଆସିଥିଲେ। ସେ କେନ୍ଦୁଝର ସିଟିଜେନ୍ ଫୋରମ୍ ଗଠନ କରି ଆଦିବାସୀ ମୂଳକର ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, ନଦୀ ସୁରକ୍ଷା, ଜଙ୍ଗଲ ନଷ୍ଟ ରୋକିବା ସମେତ ଅଞ୍ଚଳବାସୀଙ୍କ ଉନ୍ନତି ପାଇଁ ସଂଗ୍ରାମ ଜାରି ରଖିଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ସ୍ଥାପନ, ସୁପର ସ୍ପେସାଲିଷ୍ଟ ହସ୍ପିଟାଲ, ଜାତୀୟ ରାଜପଥ ନିର୍ମାଣ କରିବାକୁ ସେ ପ୍ରୟାସ କରିଥିଲେ ବୋଲି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାରେ ଅତିଥି ଭାବେ ବିଶିଷ୍ଟ ଗାନ୍ଧୀବାଦୀ ପଦ୍ମ ଚରଣ ନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ପଞ୍ଚାନନ କାନୁନଗୋ, ପୂର୍ବତନ ପ୍ରଶାସକ ଡ. ଅରବିନ୍ଦ ବେହେରା, ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ, ନବନିର୍ମାଣ କୃଷକ ସଂଗଠନର ଅଧ୍ୟକ୍ଷ ଅକ୍ଷୟ, ଓଡ଼ିଶା ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, ଓଡ଼ିଶା ନାଗରିକ ସମାଜ ସମ୍ପାଦକ ଶ୍ରୀନିବାସ ମହାନ୍ତି, ସମାଜ ଆନ୍ଦୋଳନର ଆବାହକ କାହ୍ନୁଚରଣ ବେହୁରା, ଏକତା ପରିଷଦର ଆବାହକ ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

BALAJI FINANCE
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଉା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

ଲୋନ୍ ଲୋନ୍ ଲୋନ୍
ଗୁରୁକୃପା ଫାଇନାନ୍ସ ଦ୍ୱାରା ଲୋନ୍।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ।
0% ସୁଧ, 35% ରିହାତି।
ମାର୍କଶିଟ୍, ପ୍ରପର୍ଟି, ବିଜନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର 890 ଟଙ୍କାରେ।
9870683762

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ମହିଳା ବସ୍ ପୁଣି ଚଳାଅ

### ଓଏସ୍ଆର୍‌ଟିସିକୁ ପରିବହନ ବିଭାଗର ନିର୍ଦ୍ଦେଶ

**ଯାଜପୁର ଅଫିସ,୧୯।୨:** ଭୁବନେଶ୍ୱର-କଟକ ସହର ମଧ୍ୟରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ବସ୍ ଚଳାଚଳରେ ଓଏସ୍ଆର୍‌ଟିସି ଅନିୟମିତତା କରିଛି। କେତେଜଣ ମହିଳା କର୍ମଚାରୀଙ୍କ ଅଭିଯୋଗକୁ ଭିତ୍ତିକରି ଭୁବନେଶ୍ୱର ଓଏସ୍ଆର୍‌ଟିସିର ଜେନେରାଲ ମ୍ୟାନେଜରଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅନୁସଚିବ ଅନିଲ କୁମାର ପରିଜା ସବିଶେଷ ରିପୋର୍ଟ ମାଗିଛନ୍ତି। ଏହାସହିତ ପୁଣି ସ୍ୱତନ୍ତ୍ର ଭାବେ ମହିଳା ବସ୍ ଚଳାଚଳ କରାଇବାକୁ ବିଭାଗ ପକ୍ଷରୁ ଓଏସ୍ଆର୍‌ଟିସିକୁ ଗତ ୧୫ ତାରିଖରେ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ କାର୍ଯ୍ୟରତ ସସ୍ମିତା ପ୍ରଧାନ, ରାଜଲକ୍ଷ୍ମୀ ବିଶ୍ୱାଳ, ଧରିତ୍ରୀ ମିଶ୍ର, ମିନତି ଲେଙ୍କା ପ୍ରମୁଖଙ୍କ ଅଭିଯୋଗ ଅନୁଯାୟୀ ଦିଲ୍ଲୀ ନିର୍ଭୟା ଘଟଣା ପରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବସ ଚଳାଚଳ କରୁଥିଲା। କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ବସ୍ ଚଳାଚଳ ବନ୍ଦ ହେବା ଯୋଗୁ ମହିଳା କର୍ମଚାରୀମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ବିଦ୍ୟୁତ୍ ଶୁଳ୍କ ବଢ଼ାଅ ନାହିଁ

## ଓଇଆର୍‌ସିଙ୍କୁ ଶକ୍ତି ବିଭାଗର ଅନୁରୋଧ

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ନେଇ ଉତ୍ପାଦନ, ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆରସି) ନିକଟରେ ଆବେଦନ କରିଛନ୍ତି। ଏ ନେଇ ଶୁଣାଣି ଜାରି ରହିଛି। ତେବେ ଏହାକୁ ବିଭିନ୍ନ ମହଲରୁ ପ୍ରବଳ ବିରୋଧ କରାଯାଉଛି। ଶନିବାର ରାଜ୍ୟ ସରକାରଙ୍କ ଶକ୍ତି ବିଭାଗ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଶୁଳ୍କ ନ ବଢ଼ାଇବାକୁ ଓଇଆରସିଙ୍କୁ ଅନୁରୋଧ କରାଯାଇଛି। ଶୁଳ୍କ ବୃଦ୍ଧି ପରିବର୍ତ୍ତେ ବୈଷୟିକ ଓ ପରିବହନଜନିତ କ୍ଷତି କମାଇବାକୁ ପରାମର୍ଶ ଦେଇଛି।

ବିଦ୍ୟୁତ୍ ବଣ୍ଟନ କମ୍ପାନୀ ସେସୁ, ୱେସ୍କୋ, ନେସ୍କୋ ଓ ସାଉଥ୍-କୋ ଉପରେ ଗ୍ରୀଡ୍‌କୋର ୭,୬୮୮ କୋଟି ଟଙ୍କା ବାକି ପଡ଼ିଛି। ଦୀର୍ଘଦିନ ଧରି ଏହି ବକେୟା ପଡ଼ିବା ପରେ ଏବେ ଉପଭୋକ୍ତାଙ୍କ ଉପରେ ଗ୍ରୀଡ୍‌କୋ ବୋଝ ଲଦିବାକୁ ଯାଉଛି। ଗ୍ରୀଡ୍‌କୋ ୨୦୨୨-୨୩ ଆର୍ଥିକ ବର୍ଷରେ ବିଦ୍ୟୁତ୍ ଦର ୟୁନିଟ ପିଛା ପ୍ରାୟ ୯୦ ପଇସା ବୃଦ୍ଧି କରିବାକୁ ଓଇଆରସିଙ୍କ ନିକଟରେ ଦାବି କରିଛି।

ଗ୍ରୀଡ୍‌କୋଠାରୁ ବିତରଣ କମ୍ପାନୀମାନେ ଏବେ ୟୁନିଟ୍ ପିଛା ୨ ଟଙ୍କା ୯୬ ପଇସାରେ ବିଜୁଳି କିଣୁଥିବା ବେଳେ ଏହାକୁ ୩ ଟଙ୍କା ୮୫ ପଇସା କରିବାକୁ ପ୍ରସ୍ତାବ ଦେଇଛି। ଉପଭୋକ୍ତାଙ୍କଠାରୁ ଆଦାୟ ହୋଇଥିଲେ ମଧ୍ୟ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଗ୍ରୀଡ୍‌କୋ ନିକଟରେ ପଇଠ ନ କରିବାରୁ ଗ୍ରୀଡ୍‌କୋର ଋଣଭାର ବଢ଼ିଚାଲିଛି। ଗ୍ରୀଡ୍‌କୋର ଆବେଦନକୁ ତୀବ୍ର ବିରୋଧ କରିଛନ୍ତି ବିଦ୍ୟୁତ୍ ଉପଭୋକ୍ତା। ଖାଲି ବକେୟା ବାବଦ ଟଙ୍କା ନୁହେଁ, ଋଣ ଓ ସୁଧ ବୋଝ ମଧ୍ୟ ଉପଭୋକ୍ତାଙ୍କ ମୁଣ୍ଡରେ ଲଦିବାକୁ ମସୁଧା ହୋଇଥିବା ଅଭିଯୋଗ ହୋଇଛି। ଆର୍ଥିକ ସଙ୍କଟ ଭିତରେ ପରିଚାଳନା ପାଇଁ ଗ୍ରୀଡ୍‌କୋ ବିଭିନ୍ନ ସୂତ୍ରରୁ ପ୍ରାୟ ୨୦୦୦ କୋଟି ଟଙ୍କା ଋଣ କରିଛି। ସୁଧ ବାବଦକୁ ମଧ୍ୟ ୬୨୩ କୋଟି ଟଙ୍କା ଉପଭୋକ୍ତାଙ୍କଠାରୁ ଆଦାୟ କରିବାକୁ ପିଟିଶନରେ ଉଲ୍ଲେଖ କରିଛି। ଏସବୁ ବାବଦରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ମୋଟ୍ ୧୦,୯୪୫ କୋଟି ଟଙ୍କାର ରାଜସ୍ୱ ଆବଶ୍ୟକତା ଉପରେ ଅନୁମତି ପାଇଁ ଓଇଆରସି ନିକଟରେ ଗ୍ରୀଡ୍‌କୋ ଆବେଦନ କରିଛି।



## ପ୍ରଫେସର ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ

**ବ୍ରହ୍ମପୁର ଅଫିସ, ୧୯।୨**



ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର ଡ. ଦେବୀପ୍ରସନ୍ନ ପଟ୍ଟନାୟକ(୭୨)ଙ୍କର ଶନିବାର ଭୋର୍ ୪ଟାରେ ପରଲୋକ ହୋଇଯାଇଛି। ପ୍ରାୟ ୨ ମାସରୁ ଊର୍ଦ୍ଧ୍ୱ ସମୟ ଧରି ସେ ହାଇଦ୍ରାବାଦର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ଡ. କନକଲତା ସାହୁ,୨ ଝିଅ, ଜ୍ୱାଇଁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରବିବାର ପାର୍ଥିବ ଶରୀର ବ୍ରହ୍ମପୁରରେ ପହଞ୍ଚିବା ପରେ ସତ୍କାର କରାଯିବ ବୋଲି ପରିବାର ସୂତ୍ରରୁ ସୂଚନା ମିଳିଛି। ପଟ୍ଟନାୟକ ଖଲ୍ଲିକୋଟ ମହାବିଦ୍ୟାଳୟରୁ ଓଡ଼ିଆ ସମ୍ମାନରେ ସ୍ୱର୍ଣ୍ଣପଦକ ଓ ପରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରୁ ସ୍ନାତକୋତ୍ତର ଶ୍ରେଣୀରେ ସ୍ୱର୍ଣ୍ଣପଦକ ଲାଭ କରି ୧୯୮୩ରେ ଭଞ୍ଜବିହାରରେ କନିଷ୍ଠ ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ସେଠାରେ ପ୍ରାଧ୍ୟାପକ, ପ୍ରଫେସର୍, ଡିନ୍, ସ୍ନାତକୋତ୍ତର ବିଭାଗ ସମୂହର ଅଧ୍ୟକ୍ଷ, ମହାବିଦ୍ୟାଳୟ ଉନ୍ନୟନ ପରିଷଦ ନିର୍ଦ୍ଦେଶକ ଆଦି ବିଭିନ୍ନ ପଦରେ ଦକ୍ଷତାର ସହ କାର୍ଯ୍ୟକରି ପାରଦର୍ଶିତାର ପରିଚୟ ଦେଇଥିଲେ।

୨୦ରୁ ଊର୍ଦ୍ଧ୍ୱ ପୁସ୍ତକର ସ୍ରଷ୍ଟା ପ୍ରଫେସର ପଟ୍ଟନାୟକଙ୍କର ସାତଟି ସମାଲୋଚନା ପୁସ୍ତକ, ଚାରିଟି କବିତା ସଂକଳନ ଓ ଦଶଟି ସମ୍ପାଦିତ, ସଂକଳିତ ପୁସ୍ତକ ପ୍ରକାଶ ପାଇଛି। ତାଙ୍କ ରଚିତ ପ୍ରମୁଖ ସମାଲୋଚନା ପୁସ୍ତକ ମଧ୍ୟରେ ନବ୍ୟତାର ନବଲିପି, ବିପୁଳା ଚ ପୃଥ୍ୱୀ : ବିଡ଼ମ୍ବିତ ଭାଗ୍ୟ, ସ୍ୱାଧୀନତା ପରବର୍ତ୍ତୀ ଉପନ୍ୟାସରେ ନାୟକ ପରିକଳ୍ପନା, ନୂଆ ମଣିଷର ଛବି ଓ ଅନ୍ୟାନ୍ୟ ପ୍ରସଙ୍ଗ, ଈଶାଣରୁ ଈଶ୍ୱର କଣିକା ଓ ଅନ୍ୟାନ୍ୟ ପ୍ରବନ୍ଧ, ଓଡ଼ିଆ ଉପନ୍ୟାସରେ ଲୋକାନୁଭୂତି, ଓଡ଼ିଆ କଥା କଳ୍ପନାରେ ଉତ୍ତର ଆଧୁନିକତା ଆଦି ଆହୁରି ଅନେକ ପୁସ୍ତକ ରହିଛି। ତାଙ୍କ ପରଲୋକରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବାଗ୍‌ଚୀ ଦମ୍ପତି, ଶ୍ରୀନାଥ

**ଭୁବନେଶ୍ୱର,୧୯।୨(ବ୍ୟୁରୋ):** ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ, ମୋ ସ୍କୁଲ ଅଭିଯାନ ଅଧ୍ୟକ୍ଷ ସୁସ୍ମିତା ବାଗ୍‌ଚୀଙ୍କ ସହ ଶ୍ରୀଶଙ୍କର କ୍ୟାନ୍‌ସର ହସ୍ପିଟାଲ ପ୍ରତିଷ୍ଠାତା ଡକ୍ଟର ଶ୍ରୀନାଥ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଶନିବାର ଅପରାହ୍ନରେ ନବୀନ ନିବାସଠାରେ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ରାଜ୍ୟରେ ପ୍ରତିଷ୍ଠା ହେବାକୁ ଥିବା ସୁପରସ୍ପେଶାଲିଟି କ୍ୟାନ୍‌ସର ହସ୍ପିଟାଲ କାର୍ଯ୍ୟର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି। ୭୫୦ ବେଡ୍ ବିଶିଷ୍ଟ ଶ୍ରୀଶଙ୍କର କ୍ୟାନ୍‌ସର ହସ୍ପିଟାଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କୋଭିଡ୍ ସତ୍ତ୍ୱେ କାମ ଚାଲିଛି। ଲୋକଙ୍କୁ ତାଲିମ ଦିଆଯାଉଛି। ୨୦୨୩ ରଥଯାତ୍ରା ସମୟରେ କ୍ୟାନ୍‌ସର ହସ୍ପିଟାଲରେ ରୋଗୀ ସେବା ଆରମ୍ଭ କରାଯିବ। ହସ୍ପିଟାଲରେ ସମସ୍ତ ଅତ୍ୟାଧୁନିକ ଯନ୍ତ୍ରପାତି ଉପଲବ୍ଧ ହେବ ବୋଲି ଡକ୍ଟର ଶ୍ରୀନାଥ କହିଛନ୍ତି।



କ୍ୟାନସର ହସ୍ପିଟାଲ ନିର୍ମାଣର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅବଗତ କରାଉଛନ୍ତି ଶ୍ରୀଶଙ୍କର କ୍ୟାନ୍‌ସର ହସ୍ପିଟାଲ ପ୍ରତିଷ୍ଠାତା ଡକ୍ଟର ଶ୍ରୀନାଥ। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ, ସୁବ୍ରତ ବାଗ୍‌ଚୀ ଓ ସୁସ୍ମିତା ବାଗ୍‌ଚୀ।

# ‘ମୁଁ ପୋଲିସ, ଯାହା ଇଚ୍ଛା ତାହା କରିବି’

**କେନ୍ଦୁଝର/ହାଟଡିହୀ,୧୯।୨ (ସ୍ୱ.ପ୍ର./ଡି.ଏନ.ଏ.)**

‘ମୁଁ ପୋଲିସ, ଯାହା ଇଚ୍ଛା ତାହା କରିବି। ଯେଉଁଠି ଚାହିଁବି ସେଠି ପଶିବି। ପରିବାରର ସମସ୍ତଙ୍କୁ ବାନ୍ଧି ଜେଲ ପଠେଇ ଦେବି। ମୋ ନାଁରେ କମ୍ପ୍ଲେନ୍ କଲେ କେସ୍‌ରେ ଠୁଙ୍କି ଦେବି।’ ଏହା ହେଉଛି ହାଟଡିହୀ ବ୍ଲକ ଧରିତ୍ରୀ ଖବରଦାତା ଶୁଭକାନ୍ତ ନାୟକଙ୍କ ପରିବାର ପ୍ରତି କେନ୍ଦୁଝର ଜିଲାର ଜଣେ ପୋଲିସ ଏସ୍ଆଇ ବିଶ୍ୱଜିତ ବେହେରାଙ୍କ ଧମକପୂର୍ଣ୍ଣ ଚେତାବନୀ। ଏନେଇ ସମ୍ପୃକ୍ତ ଖବରଦାତା ଶୁଭକାନ୍ତଙ୍କ ବାପା ଧନେଶ୍ୱର ନାୟକ ଏସ୍ଆଇ ବେହେରାଙ୍କ ନାଁରେ ନନ୍ଦିପଦା ଥାନାରେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗ ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ୧.୩୦ ମିନିଟ ସମୟରେ ନିର୍ବାଚନ ଡ୍ୟୁଟିରେ ସାମିଲ ଥିବା ଏସ୍ଆଇ ବେହେରା ଏବଂ ଅନ୍ୟ ୫ ପୋଲିସ କର୍ମଚାରୀ ଏକ ଧଳା ସ୍କର୍ପିଓ ଗାଡ଼ିରେ ଆସି ଧନେଶ୍ୱରଙ୍କ ଘର ଭିତରକୁ ପଶି ଯାଇଥିଲେ। କ’ଣ ପାଇଁ ଆସିଛନ୍ତି ବୋଲି ଧନେଶ୍ୱର ପଚାରିବାରୁ ଏସ୍ଆଇ ବେହେରା ଏବଂ ପୋଲିସ କର୍ମଚାରୀମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ମୋ ନାମରେ ତୋ ସାମ୍ବାଦିକ ପୁଅ କାହିଁକି କେସ୍ କରିଥିଲା। ତାକୁ କହି ଦେବ, ମୁଁ ତାକୁ କେସ୍‌ରେ ଫସାଇ ଦେବି। ତମ ବଂଶ ନିପାତ କରିଦେବି ବୋଲି ଧନେଶ୍ୱର,ତାଙ୍କ ଦୁଇ ପୁଅ ପ୍ରଶାନ୍ତ, ପ୍ରେମାକାନ୍ତ ଏବଂ ସ୍ତ୍ରୀ ଊର୍ମିଳାଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିଥିଲେ। ସୂଚନାଯୋଗ୍ୟ, ଏସ୍ଆଇ ବେହେରାଙ୍କ ନାଁରେ ଧନେଶ୍ୱରଙ୍କ ପରିବାର ପକ୍ଷରୁ ପୂର୍ବରୁ ନନ୍ଦିପଦା ଥାନାରେ ଅଭିଯୋଗ କରାଯାଇଥିଲା। ଯାହାକି ଏବେ କୋର୍ଟରେ ବିଚାରାଧୀନ ରହିଛି। ଏହି ଘଟଣାକୁ ନେଇ ସେ ଆକ୍ରୋଶମୂଳକ ଚଢ଼ାଉ କରିଥିବା ଧନେଶ୍ୱର କହିଛନ୍ତି। ଏ ନେଇ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ପଚାରିବାରୁ ଘଟଣା ବିଷୟରେ ଜାଣି ନାହିଁ ସ୍ଥାନୀୟ ପୋଲିସକୁ ପଚାରିଲେ ସେ କହିପାରିବେ ବୋଲି କହିଛନ୍ତି। ଏସ୍ଆଇ ବେହେରା କହିଛନ୍ତି, ଧନେଶ୍ୱରଙ୍କ ଘରେ ମଦ ଥିବା ଖବରପାଇ ଚଢ଼ାଉ କରିଥିଲୁ, କିନ୍ତୁ କିଛି ମିଳିଲାନି। ନିର୍ବାଚନ ସମୟରେ ମଦ ଓ ଟଙ୍କା କାରବାର ଉପରେ ଚଢ଼ାଉ କରୁଛୁ। ନନ୍ଦିପଦା ଥାନା ଆଇଆଇସି ଗଗନ ବିଶ୍ୱାଳ କହିଛନ୍ତି ଯେ, ମୁଁ ନିର୍ବାଚନ ଡ୍ୟୁଟିରେ ଅଛି। ଏ ବିଷୟରେ ଜାଣି ନାହିଁ।

## ହକ୍ ପାଇଁ ସ୍ୱାମୀଙ୍କ ଘର ଆଗରେ ମହିଳାଙ୍କ ଅନଶନ

**ଧରାକୋଟ,୧୯।୨(ଡି.ଏନ୍.ଏ.):** ଗଞ୍ଜାମ ଜିଲା ଧରାକୋଟ ବ୍ଲକର ପୋଡ଼ାପଲ୍ଲୀ ଗ୍ରାମରେ ନିଜର ହକ୍ ପାଇଁ ଜଣେ ମହିଳା ସ୍ୱାମୀଙ୍କ ଘର ସମ୍ମୁଖରେ ଶୁକ୍ରବାରରୁ ଅନଶନରେ ବସିଛନ୍ତି। ସେ ହେଲେ ରଶ୍ମିତା କୁମାରୀ ରାଉଳ। ରଶ୍ମିତା ପେସାରେ ଜଣେ ଶିକ୍ଷୟିତ୍ରୀ। ସାତବର୍ଷ ତଳେ ପୋଡ଼ାପଲ୍ଲୀ ଗ୍ରାମର ଜିତେନ୍ଦ୍ର ମୁନିଙ୍କୁ ସେ ବିବାହ କରିଥିଲେ। କିନ୍ତୁ ହଠାତ୍ ଆଠମାସ ହେଲା ଜିତେନ୍ଦ୍ର ରଶ୍ମିତାଙ୍କଠାରୁ ଅଲଗା ରହୁଛନ୍ତି। ଶାଶୁଘର ଲୋକେ ସ୍ୱାମୀଙ୍କୁ ଅଲଗା ରହିବା ପାଇଁ କହୁଥିବା ନେଇ ରଶ୍ମିତା ଗତ ୧୭ରେ ଧରାକୋଟ ଥାନାରେ ଅଭିଯୋଗ କରିଛନ୍ତି। ରଶ୍ମିତାଙ୍କ ସ୍ୱାମୀ ଜିତେନ୍ଦ୍ର ନାଭାଲରୁ ଅବସର ଗ୍ରହଣ ପରେ ବର୍ତ୍ତମାନ ପାରାଦୀପ ମେରାଇନ୍ ଥାନାରେ ସବ୍‌ଇନ୍‌ସ୍ପେକ୍ଟର ଭାବେ କାର୍ଯ୍ୟରତ ଅଛନ୍ତି। ସ୍ୱାମୀଙ୍କୁ ଅନ୍ୟତ୍ର ବିବାହ ଦେବା ପାଇଁ ଯୋଜନା କରୁଥିବାରୁ ରଶ୍ମିତା ପୂର୍ବଭଳି ବୋହୂର ମର୍ଯ୍ୟାଦା ପାଇବା ନେଇ ଅନଶନରେ ବସିଥିବା ସୂଚନା ଦେଇଛନ୍ତି।

## ଶକ୍ତି କ୍ଷେତ୍ରରେ ପ୍ରତିବଦ୍ଧତା ପାଇଁ ରାଉରକେଲା ସ୍ମାର୍ଟ ସିଟି ସମ୍ବର୍ଦ୍ଧିତ

**ରାଉରକେଲା ଅଫିସ,୧୯।୨**

ଭାରତ ସରକାରଙ୍କ ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ରାଉରକେଲା ସ୍ମାର୍ଟସିଟି ଲିମିଟେଡକୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ୧୬ ତାରିଖରେ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କେନ୍ଦ୍ର ଶକ୍ତି, ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରୀ ରାଜକୁମାର ସିଂ, କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ଏବଂ ସାର ଓ ରସାୟନ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଭଗବନ୍ତ ଖୁବାଙ୍କଠାରୁ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ରାଉରକେଲା ମହାନଗର ନିଗମ କମିଶନର ଡାକ୍ତର ଶୁଭଙ୍କର ମହାପାତ୍ର ଏହି ସମ୍ବର୍ଦ୍ଧନା ଗ୍ରହଣ କରିଛନ୍ତି। ସୌରଶକ୍ତିର ବ୍ୟବହାରକୁ ପ୍ରୋତ୍ସାହନ ଦେଇ ଶକ୍ତି କ୍ଷେତ୍ରରେ ପ୍ରତିବଦ୍ଧତା ପ୍ରତିପାଦନ କରିଥିବାରୁ ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌କୁ ଏହି ସଫଳତା ମିଳିଛି। ଶକ୍ତି କ୍ଷେତ୍ର ପ୍ରତି ଥିବା ପ୍ରତିବଦ୍ଧତା ସମ୍ପର୍କରେ ଦେଶର ବିଭିନ୍ନ ସ୍ମାର୍ଟସିଟି ମିଳିତ ଜାତିସଂଘ ଏବଂ କେନ୍ଦ୍ର ନୂତନ ଓ ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରଣାଳୟ ନିକଟରେ ନିଜ ନିଜର ପ୍ରସ୍ତାବ ରଖିଥିଲେ। ଏଥିରେ ଅନ୍ତର୍ଭୁକ୍ତ ପ୍ରସ୍ତାବଗୁଡ଼ିକ ମଧ୍ୟରେ ଦେଶର ଅନ୍ୟ ୫ଟି ସ୍ମାର୍ଟସିଟି ସମେତ ରାଉରକେଲା ପ୍ରଶଂସିତ ହୋଇଛି। ୨୦୩୦ ସୁଦ୍ଧା ରାଉରକେଲା ସ୍ୱଚ୍ଛ ଶକ୍ତି ଉତ୍ସରୁ ୩୦% ଶକ୍ତି ସଂଗ୍ରହ ଲକ୍ଷ୍ୟ ରଖି ମିଳିତ ଜାତିସଂଘ ନିକଟରେ ପ୍ରସ୍ତାବ ଦାଖଲ କରିଥିଲା। ଏହି ଲକ୍ଷ୍ୟ ହାସଲ ପାଇଁ ସୌରୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ସହରବାସୀ କିଭଳି ଅଧିକ ସଂଖ୍ୟାରେ ଅକ୍ଷୟ ଶକ୍ତିର ବ୍ୟବହାର କରିବେ, ସେଥିଲାଗି ରାଉରକେଲା ମହାନଗର ନିଗମ ପକ୍ଷରୁ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି।

## ଧାର୍ଯ୍ୟ ସମୟ ପୂର୍ବରୁ ୧୦୦ ମିଲିୟନ ଟନ୍ ପଣ୍ୟ କାରବାର

### ପାରାଦୀପ ବନ୍ଦରର ସଫଳତା

**ପାରାଦୀପ,୧୯।୨(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଶୁକ୍ରବାର ରାତି ସୁଦ୍ଧା ରେକର୍ଡ ୧୦୦.୦୪ ମିଲିୟନ ମେଟ୍ରିକ ଟନ୍ (ଏମ୍ଏମ୍‌ଟି) ପଣ୍ୟ କାରବାର କରିଛି। କୋଭିଡ୍ ବିପତ୍ତି ଏବଂ ଲୁହାପଥର ରପ୍ତାନିରେ ୩୦.୨୪% ହ୍ରାସ ସତ୍ତ୍ୱେ ଲଗାତର ପଞ୍ଚମ ବର୍ଷ ପାଇଁ ୧୦୦ ଏମ୍ଏମ୍‌ଟି ପଣ୍ୟ କାରବାର କରିବାର ସଫଳତା ଏହି ବନ୍ଦର ହାସଲ କରିଛି। ଗତବର୍ଷ ଫେବୃୟାରୀ ୨୧ରେ ୧୦୦ ଏମ୍ଏମ୍‌ଟିର କାରବାର କରିଥିଲା। ଏଥର ତାହାର ୩ ଦିନ ପୂର୍ବରୁ ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇଥିବା ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନ୍ଧ ସୂଚନା ଦେଇଛନ୍ତି। ଶନିବାର ପୂର୍ବାହ୍ନରେ ମଧୁବନ ଅଫିସର୍ସ କ୍ଲବ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏହି ସୂଚନା ଦେବା ସହ ୧୦୦ ଏମ୍ଏମ୍‌ଟି ଲେଖାଥିବା ଏକ କେକ୍ କାଟି ଉତ୍ସବ ପାଳନ କରିଥିଲେ।

# ୩ ଗ୍ରାମରକ୍ଷୀଙ୍କୁ ଶେଷ ସମ୍ମାନ

**ପୋଲିଂ ଗାଡ଼ି ଦୁର୍ଘଟଣା ଘଟଣା**

**ନବରଙ୍ଗପୁର,୧୯।୨ (ବି.ପ୍ର.)**

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନବରଙ୍ଗପୁର ରିଜର୍ଭ ଅଫିସରୁ କୋଷାଗୁମୁଡ଼ା ବ୍ଲକ୍‌କୁ ଗ୍ରାମରକ୍ଷୀଙ୍କୁ ନେଇ ଯାଉଥିବା ପୋଲିସ ବସ୍ ଶୁକ୍ରବାର ରାତିରେ ପାପଡ଼ାହାଣ୍ଡି ଥାନା ଅଧୀନ ସୋରିଷପଦର ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୩ ଗ୍ରାମରକ୍ଷୀ ସି.ଏଚ୍. ଶେଷାରାଓ, ଜଗବନ୍ଧୁ ଗୌଡ଼ ଏବଂ ରବି ବିଶୋଇଙ୍କ ମୃତ୍ୟୁ ଘଟିବା ସହ ୬ଜଣ ଗୁରୁତର ହୋଇଥିଲେ। ଶନିବାର ୩ ଗ୍ରାମରକ୍ଷୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ଜିଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସମ୍ମାନ ଜଣାଇବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମୃତ ୩ ତିନି ଗ୍ରାମରକ୍ଷୀଙ୍କ ଘର ନବରଙ୍ଗପୁର ସଦର, ତେନ୍ତୁଳିଖୁଣ୍ଟି ଏବଂ ନନ୍ଦାହାଣ୍ଡି ବ୍ଲକ ଅଞ୍ଚଳରେ ହୋଇଥିବାବେଳେ ସେମାନଙ୍କ ଘରକୁ ମୃତଦେହ ପଠାଯାଇଥିଲା। ଜିଲାପାଳ କମଲଲୋଚନ ମିଶ୍ର ଏବଂ ଏସ୍‌ପି ପରଷୋତ୍ତମ ଦାସ ମୃତ ଗ୍ରାମରକ୍ଷୀମାନଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ରେଡ୍‌କ୍ରସ୍‌ରୁ ସ୍ଥାନୀୟ ତହସିଲଦାରଙ୍କ ମାଧ୍ୟମରେ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଲେଖାଏ ସହାୟତା ଦିଆଯାଇଛି। ସେହିପରି ଏସ୍‌ପିଙ୍କ ନିର୍ଦ୍ଦେଶରେ ଥାନା ଅଧିକାରୀମାନେ ୨୫ ହଜାର ଟଙ୍କା ଲେଖାଏ ସହାୟତା ଦେଇଛନ୍ତି।



ନବରଙ୍ଗପୁରରେ ଥାନାଧିକାରୀ ଓ ତହସିଲଦାର ଗ୍ରାମରକ୍ଷୀ ସି.ଏଚ୍. ଶେଷାରାଓଙ୍କୁ ଶେଷ ସମ୍ମାନ ପ୍ରଦାନ କରୁଛନ୍ତି।

## ଟ୍ରକ୍‌କୁ ପିଟିଲା ବସ୍, ୩୩ ଶ୍ରମିକ ଗୁରୁତର

### ଓଡ଼ିଶାରୁ ଶ୍ରମିକଙ୍କୁ ନେଇ ତାମିଲନାଡୁ ଯାଉଥିଲା

**ରାୟଗଡ଼ା ଅଫିସ,୧୯।୨**

ଓଡ଼ିଶାରୁ ଶ୍ରମିକଙ୍କୁ ନେଇ ତାମିଲନାଡୁ ଯାଉଥିବା ଏକ ବସ୍ ଶନିବାର ସକାଳେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ ଜିଲା ରାଣାସରକ ନିକଟ ୧୬ ନଂ. ଜାତୀୟ ରାଜପଥରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩୩ ଶ୍ରମିକ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ରାୟଗଡ଼ା ଜିଲାର ୪ ଶ୍ରମିକ ରହିଥିବାବେଳେ ଅନ୍ୟମାନେ ମାଲକାନଗିରି ଓ ଗଞ୍ଜାମ ଜିଲାର ବୋଲି ଜଣାପଡ଼ିଛି। ସେମାନଙ୍କୁ ଶ୍ରୀକାକୁଲମ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସିଲେଇ କାମ ପାଇଁ ବସ୍‌ଟି ୩ ଜିଲାର ଶ୍ରମିକଙ୍କୁ ନେଇ ତାମିଲନାଡୁ ଯାଉଥିଲା। ସକାଳ ୬ଟାରେ ରାଣାସରକ ନିକଟରେ ବସ୍‌ଟି ରାସ୍ତାରେ ଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା।



ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ରାସ୍ତାରୁ ହଟାଯାଉଛି।



ସାରଙ୍ଗଧର ସେତୁ ଉପରୁ ବ୍ରାହ୍ମଣୀ ନଦୀକୁ ଖସି ପଡ଼ିଥିବା ଟ୍ରେଲର।

## ବ୍ରାହ୍ମଣୀକୁ ଖସିପଡ଼ିଲା ଟ୍ରେଲର

**ବିଦ୍ୟୁତ୍ ମିସ୍ତ୍ରି ମୃତ, ଚାଳକ ଗୁରୁତର**

**ଢେଙ୍କାନାଳ ଅଫିସ,୧୯।୨**

ଢେଙ୍କାନାଳ-କାମାକ୍ଷାନଗର ରାସ୍ତାର ଗେଙ୍ଗୁଟିଆ ଓ କମଗରା ମଧ୍ୟରେ ଥିବା ସାରଙ୍ଗଧର ସେତୁ ଉପରୁ ଶନିବାର ଭୋର୍ ସମୟରେ ଏକ ଲୁହା ପ୍ଲେଟ ବୋଝେଇ ଟ୍ରେଲର ବ୍ରାହ୍ମଣୀ ନଦୀ ଭିତରକୁ ଖସିପଡ଼ିଛି। ଫଳରେ ଗାଡ଼ିରେ ଥିବା ବିଦ୍ୟୁତ୍ ମିସ୍ତ୍ରି ଅନୁଗୋଳ ଜିଲା ବନ୍ତଲା ଥାନା ମଧୁପୁର ଅଞ୍ଚଳର ଅନିଲ ଓରଫ ବିଶ୍ୱରଞ୍ଜନ ପ୍ରଧାନଙ୍କ ମୃତ୍ୟୁ ହୋଇଛି। ଗାଡ଼ି ଚାଳକ ଦେବଗଡ ଜିଲାର ମିଥୁନ ପ୍ରଧାନ(୪୨) ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ଅନୁଗୋଳସ୍ଥିତ ଏକ ପ୍ଲାଣ୍ଟରୁ ୬୦ ଟନ୍ ଲୁହାପ୍ଲେଟ୍ ନେଇ ଏକ ୨୨ ଚକିଆ ଟ୍ରେଲର ଢେଙ୍କାନାଳ-କାମାକ୍ଷାନଗର ରାସ୍ତା ଦେଇ ଯାଜପୁର ଜିଲା ଡୁବୁରିକୁ ଯାଉଥିଲା। ଚାଳକ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇବାରୁ ଟ୍ରେଲରଟି ବ୍ରାହ୍ମଣୀ ନଦୀର କମଗରା ଘାଟ ନିକଟରେ ସେତୁର କଂକ୍ରିଟ ବାଡ଼ ଭାଙ୍ଗି ପାଣିକୁ ଖସି ପଡିଥିଲା। ଦୁର୍ଘଟଣା ଯୋଗୁ ସେତୁ ଉପରେ ଲାଗିଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ମଧ୍ୟ ଉପୁଡ଼ି ପଡ଼ିଥିଲା। ଖବରପାଇ ତୁମୁସିଙ୍ଗା ଥାନା ଓ ପଣ୍ଡୁଆ ଫାଣ୍ଡି ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଟ୍ରେଲରରେ ଥିବା ଚାଳକ ଓ ବିଦ୍ୟୁତ୍ ମିସ୍ତ୍ରିଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

## ଦ୍ୱାରଶୁଣୀ ଘାଟିରେ ଜଳିଗଲା କଣ୍ଟେନର

**ବାଙ୍ଗିରିପୋଷି, ୧୯।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ ନଂ. ଜାତୀୟ ରାଜପଥର ଦ୍ୱାରଶୁଣି ଘାଟିରେ ଶନିବାର ସନ୍ଧ୍ୟାରେ ଏକ କଣ୍ଟେନର ଓଲଟି ପଡ଼ିବାରୁ ସେଥିରେ ନିଆଁ ଲାଗିଯାଇଥିଲା। କଣ୍ଟେନର ଭିତରେ ଡ୍ରାଇଭର ରହିଯାଇଥିଲେ। ବାଙ୍ଗିରିପୋଷି ଦମକଳ ବାହିନୀ ପହଞ୍ଚି କଣ୍ଟେନର ମଧ୍ୟରୁ ଡ୍ରାଇଭରଙ୍କୁ ଉଦ୍ଧାର କରି ନିଆଁକୁ ଆୟତ୍ତ କରିଥିଲା। ଉଦ୍ଧାର ସମୟରେ ବାଙ୍ଗିରିପୋଷି ଦମକଳ ବାହିନୀର ଜଣେ କର୍ମଚାରୀ ଆହତ ହୋଇଛନ୍ତି। ଚାଳକଙ୍କୁ ଉଦ୍ଧାର ପରେ ଜାତୀୟ ରାଜପଥରେ ଆମ୍ବୁଲାନ୍ସ ଯୋଗେ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ବାଙ୍ଗିରିପୋଷି ପୋଲିସ ପହଞ୍ଚି ଜାମ୍ ହଟାଇବା ସହ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରାୟପୁରରୁ ଏହି କଣ୍ଟେନର(ନଂ.ଜିଜେ୦୫ବିଏକ୍ସ ୯୪୬୭) ଘାଟି ରାସ୍ତା ଦେଇ କୋଲକାତା ଅଭିମୁଖେ ଯାଉଥିଲା।



# ୧୧୬୮ ପ୍ରାର୍ଥୀଙ୍କ ଆଜି ଭାଗ୍ୟ ନିର୍ଦ୍ଧାରଣ

**ଖୋର୍ଦ୍ଧା ଅଫିସ/ବାଲୁଗାଁ, ୧୯।୨(ଡି.ଏନ୍.ଏ.)**

**ଖୋର୍ଦ୍ଧା ଓ ଚିଲିକା ବ୍ଲକ୍**
- ୫୫୦ ବୁଥ୍‌ରେ ହେବ ଭୋଟ୍ ଗ୍ରହଣ
- ୨ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟର ମତ ସାବ୍ୟସ୍ତ କରିବେ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରବିବାର ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ କରାଯିବ। ଚିଲିକା ଓ ଖୋର୍ଦ୍ଧା ବ୍ଲକର ୬ ଜିଲା ପରିଷଦ, ୩୯ ପଞ୍ଚାୟତର ସମିତିସଭ୍ୟ ଓ ସରପଞ୍ଚ, ୫୫୦ ୱାର୍ଡମେମ୍ବର ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ। ସେଥିରୁ ଚିଲିକା ବ୍ଲକର ୩ ଜିଲା ପରିଷଦ, ୧୭ ପଞ୍ଚାୟତର ୨୨୫ ୱାର୍ଡ ଏବଂ ଖୋର୍ଦ୍ଧା ବ୍ଲକର ୩ ଜିଲା ପରିଷଦ, ୨୨ ପଞ୍ଚାୟତର ୩୨୫ ୱାର୍ଡ ରହିଛି। ଚିଲିକା ବ୍ଲକର ୪୩ ସମିତିସଭ୍ୟ, ୫୬ ସରପଞ୍ଚ, ୩୨୭ ୱାର୍ଡମେମ୍ବର ଓ ୧୦ ଜିଲା ପରିଷଦ ଏବଂ ଖୋର୍ଦ୍ଧା ବ୍ଲକରେ ୮୨ ସମିତିସଭ୍ୟ, ୧୦୬ ସରପଞ୍ଚ, ୫୨୯ ୱାର୍ଡମେମ୍ବର, ୧୫ ଜିଲା ପରିଷଦ ମୋଟ୍ ୧୧୬୮ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ। ଚିଲିକା ବ୍ଲକରେ ୯୬,୨୨୯ ଓ ଖୋର୍ଦ୍ଧା ବ୍ଲକରେ ୧,୧୧,୮୫୦ ଭୋଟର ମୋଟ ୨,୦୮,୦୭୯ ଭୋଟ୍‌ଦାତା ମତ ସାବ୍ୟସ୍ତ କରିବେ। ଚିଲିକାରେ ୧୭ ଓ ଖୋର୍ଦ୍ଧାରେ ୨୦ଜଣ ସେକ୍ଟର ଅଫିସର ନିଯୁକ୍ତ ହୋଇଛନ୍ତି। ରବିବାର ସକାଳ ୭ଟାରୁ


ମତଦାନ ପୂର୍ବରୁ ବୁଥ୍ କେନ୍ଦ୍ରରେ ପ୍ରସ୍ତୁତି ଚାଲିଛି।

ଅପରାହ୍ନ ୧ଟା ପର୍ଯ୍ୟନ୍ତ ଭୋଟଦାନ ଅନୁଷ୍ଠିତ ହେବ। ଚିଲିକା ବ୍ଲକର ୨୨୫ ବୁଥ୍‌ରେ ମତଦାନ ହେବ। ସେଥିରୁ ୪୩ ଅତି ସମ୍ବେଦନଶୀଳ, ୮୩ ସମ୍ବେଦନଶୀଳ ଓ ୯୯ଟି ସାଧାରଣ ବୁଥ୍ ରହିଛି। ଖୋର୍ଦ୍ଧା ବ୍ଲକର ୩୨୫ କେନ୍ଦ୍ରରେ ମତଦାନ ହେବ। ସେଥିରୁ ୧୦୨ ଅତିସମ୍ବେଦନଶୀଳ, ୯୬ ସମ୍ବେଦନଶୀଳ ଓ ୧୨୭ ସାଧାରଣ ବୁଥ୍ ରହିଛି। ସମସ୍ତ ପୋଲିଂ ଅଫିସର ସମ୍ପୃକ୍ତ ବ୍ଲକରେ ରିପୋର୍ଟିଂ ପରେ ନିଜ ନିଜ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ପ୍ରତି ବ୍ଲକରେ ଗୋଟିଏ ପିଙ୍କ୍ ବୁଥ୍ ରହିଛି। ଉକ୍ତ ମତଦାନ କେନ୍ଦ୍ରରେ ପ୍ରିଜାଇଡିଂ, ପୋଲିଂ ଏବଂ ସୁରକ୍ଷାକର୍ମୀ ଭାବେ କେବଳ ମହିଳା କର୍ମଚାରୀ ହିଁ ରହିବେ। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, ଜିଲାରେ ଦୁଇ ପର୍ଯ୍ୟାୟରେ ୪ଟି ବ୍ଲକର ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ମତଦାନ ପରେ ବାଲଟ ବାକ୍ସକୁ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ବ୍ଲକ କାର୍ଯ୍ୟାଳୟ ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ସଂକ୍ଷେପରେ

### ଅଲଣ୍ଡା ୮ନଂ. ବୁଥ୍‌ରେ ସାନି ନିର୍ବାଚନ

**କୃଷ୍ଣପ୍ରସାଦ,୧୯।୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନରେ ଅଲଣ୍ଡା ପଞ୍ଚାୟତର ୪ନମ୍ବର ବୁଥ୍‌ରେ ଗଣ୍ଡଗୋଳ ହୋଇଥିଲା। କେହି ଦୁର୍ବୃତ୍ତ ନିକଟ ୮ନଂ. ବୁଥ୍‌ରୁ ବାଲଟ ବାକ୍ସ ଉଠାଇ ନେଇଥିଲେ। ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତା ୨୩ ତାରିଖରେ ଅଲଣ୍ଡା ପଞ୍ଚାୟତର ୮ନମ୍ବର ବୁଥ୍‌ରେ ସାନି ଭୋଟ ହେବ ବୋଲି ଜିପିଓ ରଶ୍ମିରଞ୍ଜନ ସାହୁ କହିଛନ୍ତି। ସକାଳ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ହେବ ବୋଲି ଜଣାପଡ଼ିଛି।

### ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ଖୋର୍ଦ୍ଧା ଅଫିସ,୧୯।୨:** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଜାରି ରହିଛି। ରବିବାର ତୃତୀୟ ପର୍ଯ୍ୟାୟରେ ଚିଲିକା ଏବଂ ଖୋର୍ଦ୍ଧା ବ୍ଲକ ପାଇଁ ଭୋଟ ଗ୍ରହଣ କରାଯିବ। ଏହାର ଅବ୍ୟବହିତ ପୂର୍ବରୁ ଶନିବାର ଖୋର୍ଦ୍ଧା ଓ ଚିଲିକାରେ ପୋଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ମତଦାନକୁ ସ୍ୱଚ୍ଛ, ଅବାଧ, ମୁକ୍ତ ଓ ଶାନ୍ତିଶୃଙ୍ଖଳାରେ ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ସମ୍ବେଦନଶୀଳ ବୁଥ୍ ଉପରେ ନଜର ରଖାଯିବ ବୋଲି ସଦର ଏସ୍‌ଡିପିଓ ସୁଶୀଲ କୁମାର ମିଶ୍ର କହିଛନ୍ତି। ଉଭୟ ବ୍ଲକର ୫୫୦ଟି ବୁଥ୍‌ରେ ଭୋଟ ହେବ। ସେଥିରୁ ଖୋର୍ଦ୍ଧାରେ ୩୨୫ ବୁଥ୍‌ରୁ ୧୦୨ ଅତିସମ୍ବେଦନଶୀଳ, ୯୬ ସମ୍ବେଦନଶୀଳ ବୁଥ୍ ରହିଛି। ସେହିପରି ଚିଲିକା ବ୍ଲକରେ ୨୨୫ ବୁଥ୍‌ରୁ ୪୩ ଅତି ସମ୍ବେଦନଶୀଳ ଓ ୧୧୪ ସମ୍ବେଦନଶୀଳ ରହିଛି। ଉଭୟ ବ୍ଲକରେ ପ୍ରାୟ ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଥିବା ଜଣାପଡ଼ିଛି।

### ବିଶ୍ୱଶାନ୍ତି ମହାଯଜ୍ଞ

**ନିରାକାରପୁର,୧୯।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ଅନ୍ତର୍ଗତ ନିରାକାରପୁର ସାହିସ୍ଥିତ ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ମହାରୁଦ୍ର ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଏ ନେଇ ଶନିବାର ସ୍ଥାନୀୟ ଝର ପୋଖରୀରୁ ଶତାଧିକ ମାନସିକଧାରୀ ମହିଳା ଓ ପୁରୁଷ କଳସରେ ଜଳ ଉଠାଇ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ରବିବାର ଯଜ୍ଞାରମ୍ଭ, ସର୍ବଦେବ ଆବାହନ, ସୂର୍ଯ୍ୟପୂଜା, ଆଳତି, ସୋମବାର ସର୍ବଦେବ ଆବାହନ ଯଜ୍ଞ ଆରମ୍ଭ, ମଙ୍ଗଳବାର ସନ୍ଧ୍ୟା ୫ଟାରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ରହିଛି ବୋଲି ଗ୍ରାମବାସୀ କହିଛନ୍ତି।

### ଦୁଇ ଏଟିଏମ୍‌ରୁ ଲୁଟ୍ ଉଦ୍ୟମ

**ବୋଲଗଡ଼,୧୯।୨(ଡି.ଏନ୍.ଏ.):** ବୋଲଗଡ଼ ଥାନା ନିକଟ ବସ୍‌ଷ୍ଟାଣ୍ଡ ବଜାରରେ ଥିବା ଦୁଇଟି ବ୍ୟାଙ୍କ ଏଟିଏମ୍‌ରୁ ଦୁର୍ବୃତ୍ତମାନେ ଶୁକ୍ରବାର ରାତିରେ ଲୁଟ୍ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ୫୭ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱ ବୋଲଗଡ଼ ବଜାର ଅଞ୍ଚଳରେ ରହିଥିବା ଦୁଇ ବ୍ୟାଙ୍କର ଏଟିଏମ୍‌ରେ ଦୁର୍ବୃତ୍ତମାନେ ପଶି ତାଲା କାଟିଥିବା ଦେଖିବାକୁ ମିଳିଛି। ଶନିବାର ବ୍ୟାଙ୍କ ମ୍ୟାନେଜର ଏଟିଏମ୍ କବାଟ ଭଙ୍ଗା ହୋଇଥିବା ଖବର ପାଇ ଥାନାରେ ଅଭିଯୋଗ କରିଥିଲେ। ତେବେ ଉକ୍ତ ଏଟିଏମ୍‌ରୁ ଲୁଟ୍ ହୋଇଛି କି ନାହିଁ ବ୍ୟାଙ୍କ ପକ୍ଷରୁ ସୂଚନା ମିଳିପାରିନାହିଁ। ଅଭିଯୋଗ ଆଧାରରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ବ୍ୟବସାୟୀଙ୍କ ପରଲୋକ

**ଖୋର୍ଦ୍ଧା ଅଫିସ,୧୯।୨:** ଖୋର୍ଦ୍ଧା ସହରର ବିଶିଷ୍ଟ ବ୍ୟବସାୟୀ ଭାଗୀରଥି ରାମ (୮୪)ଙ୍କର ଶନିବାର ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶଯ୍ୟା ନିକଟରେ ସ୍ତ୍ରୀ ଶକୁନ୍ତଳା, ଦୁଇପୁଅ ବିଶ୍ୱନାଥ, କାଶୀନାଥ, ବୋହୂ, ନାତିନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ଓ ରାଜେନ୍ଦ୍ର କୁମାର ସାହୁ, ବିଭୁପ୍ରସାଦ ସାହୁ, ଲଳିତ ମୋହନ ମହାପାତ୍ର, ବ୍ୟବସାୟୀ ଚକ୍ରଧର ସାହୁ, ବିଶ୍ୱନାଥ ସାହୁ, ଜିତେନ୍ଦ୍ର କୁମାର ଭଞ୍ଜ, ରାଧାଶ୍ୟାମ ସେଠୀ, ଭରତ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ଟିଏଲ୍‌ସି ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଚଣ୍ଡୀ ଦେବୀଙ୍କ ପୀଠରେ ମହାଯଜ୍ଞ

**ନିରାକାରପୁର,୧୯।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ରତାମାଟି ଗ୍ରାମସ୍ଥିତ ମା' ଚଣ୍ଡୀ ଦେବୀଙ୍କ ପୀଠରେ ଗ୍ରାମବାସୀଙ୍କ ସହଯୋଗରେ ଚଣ୍ଡୀ ମହାଯଜ୍ଞ ଆରମ୍ଭ ହୋଇଛି। ଶନିବାର ସ୍ଥାନୀୟ ବଡ଼ପୋଖରୀରୁ ମାନସିକଧାରୀ ମହିଳା ଓ ପୁରୁଷ ଜଳ ଉଠାଇ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଶେଷ ଦିବସରେ ପୂର୍ଣ୍ଣାହୁତି ହେବ ବୋଲି ରତାମାଟି ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି।

## ଏକାଠି ହୋଇ କରୋନା ସଚେତନତା ବାର୍ତ୍ତା ଦେଲେ

**ଜଟଣୀ,୧୯।୨(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ବଡ଼ତୋଟା ବେଲପଡା ଉଚ୍ଚବିଦ୍ୟାଳୟ ୧୯୮୮ ମସିହାର ଛାତ୍ରୀଛାତ୍ର ଶନିବାର ଏକାଠି ହୋଇ କରୋନା ମହାମାରୀ ଦୂର ପାଇଁ ଠାକୁରଙ୍କ ନିକଟରେ ଦୀପ ଜାଳି ପ୍ରାର୍ଥନା କରିଥିଲେ। ବେଲପଡା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ଜବାହରଲାଲ ସୁବୁଦ୍ଧି, ପ୍ରମୋଦ ମିଶ୍ର, ବିଜୟାନନ୍ଦ ପେଟନାୟକ, ଗଜେନ୍ଦ୍ର ମହାପାତ୍ର, ଶଙ୍କର ସାହୁ, ଗୁଣନିଧି ବାରିକ, ବିଭୁତି ଭୂଷଣ ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଜୟ ପ୍ରଧାନ, ମାର୍କଣ୍ଡ ମହାରଣା, ବୈକୁଣ୍ଠ ଜେନା, ଭାନୁମତି ସିଂ, ମଞ୍ଜୁଲତା ମହାକୁଡ଼ ଉପସ୍ଥିତ ଥିଲେ।

**ଜନ୍ମଦିନ ଶୁଭେଚ୍ଛା**


(ମାମୁନ୍)
**ଆଦ୍ୟାଶା ମହାନ୍ତି**
ମହତାବ ରୋଡ୍, ଭୁବନେଶ୍ୱର
ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ:** ବାପା, ମାମା, ଜେଜେ, ଜେଜେମା', ବଡ଼ବାପା, ବଡ଼ମା', ସାନବଡ଼ବାପା, କୁଇନା ଅପା, ନେହା ଅପା, ଭାଇ, ଅଜା, ଆଈ, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୨୩୨୦୩

# ନାବାଳିକାଙ୍କ ବାହାଘର ରୋକିଲା ଚାଇଲ୍ଡଲାଇନ୍

**ଭୁବନେଶ୍ୱର,୧୯।୨(ବ୍ୟୁରୋ)**

ରାଜଧାନୀ ଭୁବନେଶ୍ୱରରେ ନାବାଳିକା ବିବାହ ଉଦ୍ୟମ ହୋଇଛି। ଏହି ବିବାହକୁ ଚାଇଲ୍ଡ ଲାଇନ ରୋକିଛି। ଖଣ୍ଡଗିରି ଥାନା ଡୁମୁଡୁମା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ପରିବାର ଲୋକେ ଜଣେ ନାବାଳିକାଙ୍କୁ ବାହାଘର କରୁଥିବା ଖବର ପାଇ ଚାଇଲ୍ଡ ଲାଇନ, ସ୍ଥାନୀୟ ସିଡିପିଓ ଓ ଖଣ୍ଡଗିରି ପୋଲିସ ସେଠାରେ ପହଞ୍ଚିଥିଲେ। ସମ୍ପୃକ୍ତ ନାବାଳିକାଙ୍କୁ ଚାଇଲ୍ଡଲାଇନ ଉଦ୍ଧାର କରିବା ପରେ ନିଜ ହେପାଜତରେ ରଖି କାଉନସେଲ କରୁଛି। ଚାଇଲ୍ଡଲାଇନ୍ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ନାବାଳିକାଙ୍କ ପ୍ରକୃତ ବୟସ ୧୬ ବର୍ଷ ହୋଇଥିବାବେଳେ ଆଧାରକାର୍ଡରେ ୨୧ ବର୍ଷ ରହିଛି। ସେ ନବମ ଶ୍ରେଣୀରେ ପଢୁଥିଲେ ହେଁ ତାଙ୍କ ବୟସକୁ ବଢ଼ାଇ ଦିଆଯାଇଥିବା କୁହାଯାଉଛି। ଏନେଇ ଖୋର୍ଦ୍ଧା ଡିସିପିଓ ଏବଂ ସିଡବ୍ଲୁସିଙ୍କୁ ଅବଗତ କରାଯାଇଛି। ଖଣ୍ଡଗିରି ଥାନା ଅଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ନାବାଳିକାଙ୍କ ପ୍ରକୃତ ବୟସ କେତେ ତାହା ଜଣାପଡ଼ିନାହିଁ। ଏ ନେଇ ଲିଖିତ ଅଭିଯୋଗ ମଧ ହୋଇ ନାହିଁ। ଅଭିଯୋଗ ହେଲେ ତଦନ୍ତ କରାଯିବ ବୋଲି ସେ କହିଛନ୍ତି।


ନିରାକାରପୁର ନୀଳକଣ୍ଠେଶ୍ୱରଙ୍କ ପୀଠରେ ମହାରୁଦ୍ର ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଶନିବାର ମାନସିକଧାରୀମାନେ କଳସରେ ପାଣି ନେଉଛନ୍ତି।

# ମହିଳାଙ୍କ ମୃତଦେହ ଜବତ: ସ୍ୱାମୀ, ଶ୍ୱଶୁର ଅଟକ

**ନିରାକାରପୁର,୧୯।୨(ଡି.ଏନ୍.ଏ.)**

**ହତ୍ୟା ଅଭିଯୋଗ ଆଣିଲେ ବାପଘର**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ଶନିବାର ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ସେ ହେଲେ ଏହି ଥାନା ଅଧୀନ ବାଲିଗାଡ଼ିଆ ଗ୍ରାମର ଜ୍ୟୋତ୍ସ୍ନା ପ୍ରଧାନ(୨୫)। ବ୍ୟବଚ୍ଛେଦ ପରେ ମୃତଦେହ ବାପଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ଜ୍ୟୋତ୍ସ୍ନାଙ୍କୁ ମାରି ଫ୍ୟାନ୍‌ରେ ଟଙ୍ଗାଇ ଦେଇଛନ୍ତି ବୋଲି ବାପା ଅଶୋକ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ମୃତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ସୂଚନା ମୁତାବକ, କଟକ ଜିଲା ସଦର ଥାନା ଅନ୍ତର୍ଗତ ନୂଆଗଡ଼ ତେଲେଙ୍ଗାପେଣ୍ଠ ସାହିର ଜ୍ୟୋତ୍ସ୍ନା ୭ମାସ ପୂର୍ବେ ବାଲିଗାଡ଼ିଆ ଗ୍ରାମର ସୁନୀଲ ସାମନ୍ତରାୟଙ୍କୁ ବିବାହ କରିଥିଲେ। ତେବେ କୌଣସି କାରଣ ନେଇ ଶୁକ୍ରବାର ଅପରାହ୍ନରେ ଜ୍ୟୋତ୍ସ୍ନା ଫ୍ୟାନ୍‌ରେ ଝୁଲୁଥିବା ଦେଖି ଶାଶୁଘର ଲୋକେ ସଙ୍ଗେସଙ୍ଗେ ଚିକିତ୍ସା ପାଇଁ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ବାପା ଅଶୋକଙ୍କ ଅଭିଯୋଗକ୍ରମେ ପୋଲିସ ମୃତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଏଏସ୍‌ଆଇ ଶରତ କୁମାର ପାଇକରାୟ କହିଛନ୍ତି।

**MISSING**


**ନାମ: ଶାନ୍ତିଲତା ମାଝୀ,** ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.– 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି– 9438411083.
ଧ-୨୩୧୫୮

# ଡିକି ଭାଙ୍ଗି ୧ ଲକ୍ଷ ଟଙ୍କା ନେଇଗଲେ

**ଗୋପ, ୧୯।୨(ଡି.ଏନ୍.ଏ.)**

ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ଶନିବାର ଜଣେ ବ୍ୟକ୍ତିଙ୍କ ସ୍କୁଟି ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୧ ଲକ୍ଷ ଟଙ୍କା ଚୋରି କରି ନେଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ. ୫୯/୨୨)ରେ ରୁଜୁ କରିଛି। ପ୍ରକାଶ ଯେ, ଏରବଙ୍ଗ ଗ୍ରାମର ଜୟବ୍ରତ ପ୍ରଧାନ ଗୋପ ଷ୍ଟେଟ୍ ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା ଉଠାଇ ଘରକୁ ସ୍କୁଟିରେ ଯାଉଥିଲେ। କୌଣସି କାମରେ ଜୟବ୍ରତ ବେଗୁନିଆ ଛକ ନିକଟ ନୀଳାଚଳ ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ସ୍କୁଟି ରଖି ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କରୁ ଫେରି ଦେଖିବା ବେଳେ ସ୍କୁଟି ଡିକି ଭାଙ୍ଗି ଟଙ୍କା ଚୋରି କରି ନେଇଥିଲେ। ଜୟବ୍ରତ ବେଗୁନିଆ ବଜାରରେ ଖୋଜାଖୋଜି କରି ନିରାଶ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ବ୍ୟାଙ୍କର ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି।

# ବିଶ୍ୱବୈଷ୍ଣବ ସମ୍ମିଳନୀରେ ଯୋଗଦେବେ ରାଷ୍ଟ୍ରପତି

**ପୁରୀ ଅଫିସ,୧୯।୨**

ଦୁଇଦିନିଆ ପୁରୀ ଗସ୍ତରେ ଆସିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଶନିବାର ରାଷ୍ଟ୍ରପତି ନିର୍ଦ୍ଧାରିତ ସମୟ ପୂର୍ବରୁ ପୁରୀରେ ପହଞ୍ଚି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ରାଜଭବନରେ ରାତ୍ରିଯାପନ କରିଥିଲେ। ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ୨୦ ତାରିଖରେ ଗୌଡ଼ୀୟ ମଠର ବିଶ୍ୱବୈଷ୍ଣବ ସମ୍ମିଳନୀ ଏବଂ ମିଶନର ସଂସ୍ଥାପକ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ବର୍ଷପୂର୍ତ୍ତି ଆବିର୍ଭାବ ଦିବସ ଉପଲକ୍ଷେ ଶରଧାବାଲିରେ ହେଉଥିବା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତର କାର୍ଯ୍ୟକ୍ରମକୁ ନେଇ ଶନିବାର ସୁରକ୍ଷା ବ୍ୟବସ୍ଥାର ଚୂଡ଼ାନ୍ତ ସମୀକ୍ଷା କରାଯାଇଥିଲା। ଅତିରିକ୍ତ ଡିଜି ରାଧାକୃଷ୍ଣ ଶର୍ମା, ପୁରୀ ଏସ୍‌ପି କେ.ବିଶାଲ୍ ସିଂ, ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ସମେତ ପୋଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ସୁରକ୍ଷା ଦୃଷ୍ଟିରୁ ସହରରେ ୪୦ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୨୦୦ରୁ ଅଧିକ ଅଫିସର ମୁତୟନ ରହିବେ। ଶନିବାର ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ରାଷ୍ଟ୍ରପତି ସପରିବାର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି।

ସେହିପରି ୨୦ତାରିଖରେ ଗୌଡ଼ୀୟ ମିଶନ ପକ୍ଷରୁ ଆୟୋଜନ କରାଯାଇଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଯୋଗଦେବେ। ୨୦ ତାରିଖ ସକାଳ ୧୦.୩୦ରେ ରାଜଭବନରୁ ବଡ଼ଦାଣ୍ଡସ୍ଥିତ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ ଅଭିମୁଖେ କାରକେଡ୍ ଯୋଗେ ବ୍ଲୁ ବୁକ୍ ସିକ୍ୟୁରିଟି ଅନୁଯାୟୀ ଯିବେ। ୧୦.୩୫ରେ ମଠରେ ପହଞ୍ଚି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମିଶନର ସଂସ୍ଥାପକ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଦେବେ। ପରେ ୧୦.୫୦ରେ ବାହାରି ଶରଧାବାଲି ଯିବେ। ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଶରଧାବାଲିରେ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ ପ୍ରତିଷ୍ଠାତା ଶ୍ରୀମଦ୍ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ସହ ନିଜ ଅଭିଭାଷଣ ପ୍ରଦାନ କରିବେ। ଏହାପରେ ରାଷ୍ଟ୍ରପତି ଶରଧାବାଲିରୁ ବାହାରି ତାଳବଣିଆସ୍ଥିତ ହେଲିପ୍ୟାଡ ଯାଇ ପୁନର୍ବାର ୧୨.୧୫ରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ବ୍ଲୁବୁକ ସିକ୍ୟୁରିଟି ଅନୁଯାୟୀ ରାଷ୍ଟ୍ରପତିଙ୍କ ଗସ୍ତର ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମସ୍ଥଳକୁ ବୋମା ଅନୁସନ୍ଧାନ ଯନ୍ତ୍ର ସାହାଯ୍ୟରେ ଯାଞ୍ଚ କରାଯାଇଥିଲା। ଅପରପକ୍ଷେ ଗୌଡ଼ୀୟ ମଠ ଅନୁଷ୍ଠିତ ମହୋତ୍ସବର ସମାରୋହ ପାଇଁ ମଠ ପକ୍ଷରୁ ପ୍ରସ୍ତୁତି ସରିଛି। ରଙ୍ଗବେରଙ୍ଗ ଫୁଲ ସହ ବଡବଡ ହୋର୍ଡିଂରେ ମଠ ସୁସଜ୍ଜିତ ହୋଇଥିବା ବେଳେ ପୁରୀ ସହରକୁ ମଧ କଡା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ସେହିପରି ଗୌଡ଼ୀୟ ମିଶନ ଏବଂ ଶ୍ରୀକ୍ଷେତ୍ର ସାରସ୍ୱତ ବୈଷ୍ଣବ ସଂଘ ପକ୍ଷରୁ ୩ଦିନିଆ ବିଶ୍ୱ ବୈଷ୍ଣବ ସମ୍ମିଳନୀ ଶନିବାର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଠ ପକ୍ଷରୁ ଶନିବାର ଏକ ଶୋଭାଯାତ୍ରା ସହ କୀର୍ତ୍ତନ କରାଯାଇଥିଲା। କୀର୍ତ୍ତନ ଶୋଭାଯାତ୍ରା ତୋଟା ଗୋପୀନାଥ ମଠ ନିକଟରୁ ବାହାରି ନଗର ପରିକ୍ରମା କରି ଶ୍ରୀଚୈତନ୍ୟ ମଠରେ ପହଞ୍ଚିଥିଲା। ସେହିପରି ଶରଧାବାଲିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

# ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଜଟଣୀ,୧୯।୨(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ବାଳିକା ବିଦ୍ୟାଳୟ ନିକଟ ଆଶ୍ରୟ କ୍ଲବ ଇଣ୍ଡୋର ଷ୍ଟାଡିୟମ ପରିସରରେ ଶନିବାର ଏଫ୍‌ଜେଡ୍ ଫୋରଜା ଓଏସ୍‌ବିଏ(ମାଷ୍ଟର୍ସ) ର୍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଭାରତୀୟ ତୈଳ ନିଗମ ଜଟଣୀ ଶାଖାର ଚିଫ ଅପେରଶନ ମ୍ୟାନେଜର ଉପେନ୍ଦ୍ର କୁମାର ମାହାତୋ, ଅସିଷ୍ଟାଣ୍ଟ ମ୍ୟାନେଜର ବିଶ୍ୱପ୍ରକାଶ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଏବଂ ଆଶ୍ରୟ କ୍ଲବ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହେବ। ଏହି ଟୁର୍ନାମେଣ୍ଟରେ ୬୮ଟି ଟିମ୍ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତା ଉଭୟ ମେନ୍ସ ସିଙ୍ଗଲସ ଏବଂ ମେନ୍ସ ଡବଲସ ବିଭାଗରେ ୩୫, ୪୦, ୪୫, ୫୦ ବର୍ଷ ବୟସର ଭେଟେରାନ ଖେଳାଳିଙ୍କ ମଧ୍ୟରେ ପ୍ରତିଯୋଗିତା ହେଉଛି। ଏହି ଟୁର୍ନାମେଣ୍ଟ ପରିଚାଳନାରେ ଆୟୋଜକ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

# ଠିକା ସଫେଇ ଗାଡ଼ି ଚାଳକଙ୍କ ପ୍ରତିବାଦ

**ଜଟଣୀ,୧୯।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ପୌର ପରିଷଦରେ ନିୟୋଜିତ ଠିକା ସଫେଇ ଗାଡ଼ି ଚାଳକମାନେ ଭାରତ ମଜଦୁର ସଙ୍ଘ, ଜଟଣୀ ଦ୍ୱାରା ଶୋଷଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ନ୍ୟାୟ ଦାବିରେ ଜଟଣୀ ପୌର କାର୍ଯ୍ୟାଳୟ ନିକଟରେ ଠିକା ସଫେଇ (ବ୍ୟାଟେରୀ ଅପରେଟେଡ୍ ଭେଇକିଲ୍) ଗାଡ଼ି ଚାଳକମାନେ ପ୍ରତିବାଦ କରିବା ସହ ଧାରଣା ଦେଇଛନ୍ତି।

ଅଭିଯୋଗ ମୁତାବକ, ଜଟଣୀ ପୌର ପରିଷଦରେ ୨୦୨୧ ଫେବୃୟାରୀରୁ ୧୦ଜଣ ମହିଳା ଭାରତ ମଜଦୁର ସଙ୍ଘ ସୁପାରିସ୍‌ରେ ଠିକାସଂସ୍ଥା ଦ୍ୱାରା ସଫେଇ ଗାଡି ଚଳାଇବା ପାଇଁ କାର୍ଯ୍ୟରେ ଯୋଗଦେଇଥିଲେ। ସେ ସମୟରେ ଚାକିରି କରାଇଦେବା ଲାଗି ୧୦ଜଣ ମହିଳାଙ୍କଠାରୁ ୩୦ହଜାର ଟଙ୍କା ଲେଖାଏ ମଜଦୁର ସଙ୍ଘର କର୍ତ୍ତୃପକ୍ଷ ନେଇଥିଲେ। କୌଣସି କାରଣରୁ ସଂଘ କର୍ତ୍ତୃପକ୍ଷ ଗତ ୧୭ ତାରିଖରେ ଉକ୍ତ ୧୦ ମହିଳାଙ୍କୁ କାର୍ଯ୍ୟକୁ ନ ଆସିବାକୁ କହିଥିଲେ। ଏନେଇ ମହିଳା କର୍ମଚାରୀମାନେ ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶୁକ୍ରବାର ସକାଳେ ଏହି କର୍ମଚାରୀମାନେ କାର୍ଯ୍ୟରେ ଯୋଗଦେବାକୁ ଗଲାବେଳେ ସଂଘ ସଦସ୍ୟମାନେ ଗାଳିଗୁଲଜ କରିବା ସହ କାମ କରାଇ ଦେଇ ନ ଥିଲେ। ଏନେଇ ପୁଣି ମହିଳା କର୍ମଚାରୀମାନେ ଜଟଣୀ ଥାନାରେ ଅଭିଯୋଗ କରିବା ସହିତ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁଙ୍କୁ ଜଣାଇଥିଲେ। ତେବେ ସମସ୍ୟାର ସମାଧାନ ନ ହେବାରୁ ନ୍ୟାୟ ଦାବିରେ କର୍ମଚାରୀମାନେ ପୌର କାର୍ଯ୍ୟାଳୟ ନିକଟରେ ଧାରଣା ଦେଇଛନ୍ତି। ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ପରିଚୟପତ୍ର, ସଭାପତି ଓ ସମ୍ପାଦକଙ୍କୁ ସଂଘରୁ ବାହାର କରିବା ଲାଗି ଦାବି କରିଥିଲେ। ଖୁବ୍‌ଶୀଘ୍ର ଠିକାସଂସ୍ଥା ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ଭାରତ ମଜଦୁର ସଙ୍ଘ, ଜଟଣୀ ଶାଖାର କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।


ପୌର କାର୍ଯ୍ୟାଳୟ ନିକଟରେ ଠିକା ସଫେଇ ଗାଡ଼ି ଚାଳକମାନେ ପ୍ରତିବାଦ କରୁଛନ୍ତି।




**CLASSIFIED DISPLAY**
MORE SPACE * SAME PRICE
ALL EDITION - B/W (Everyday)

**GALAXY TOWER**
Govt. Approved
4G/5G
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**BALAJI FINANCE**
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୯୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ
8902403341

ଲୋନ୍ ଲୋନ୍ ଲୋନ୍
ଗୁରୁକୃପା ଫାଇନାନ୍ସ
ଦ୍ୱାରା ଲୋନ୍।
1 ଲକ୍ଷରୁ ୨୦ ଲକ୍ଷ ପର୍ଯ୍ୟନ୍ତ।
0% ସୁଧ, 35% ରିହାତି।
ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର ୫୨୦ ଟଙ୍କାରେ।
9870683762

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ବୈଠକ

**କଟକ ଅଫିସ,୧୯।୨:** ଜଗତ୍‌ପୁର ଆଇବି ରୋଡ୍‌ସ୍ଥିତ ଜେମାମଣୀ ମଣ୍ଡପରେ ୪୮ ନଂ. ୱାର୍ଡ ବିଜୁ ମହିଳା ଜନତା ଦଳର କାର୍ଯ୍ୟକାରିଣୀ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ୱାର୍ଡ ସଭାପତି ବିଜୟ କୁମାର ଭୂୟାଁ ଯୋଗଦେଇ ଦଳୀୟ ସଙ୍ଗଠନକୁ ତୃଣମୂଳ ସ୍ତରରୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟ ସରକାରଙ୍କ ନାରୀ ସଶକ୍ତୀକରଣ ଯୋଜନାରେ ସମସ୍ତ ମହିଳା ସାମିଲ ହୋଇପାରିବେ ବୋଲି ବୈଠକରେ କୁହାଯାଇଥିଲା। ଏଥିରେ ୱାର୍ଡ ମହିଳା ସଭାପତି ଇତିଶ୍ରୀ ପଣ୍ଡା, ପୂର୍ବତନ କର୍ପୋରେଟର ଅନିତା ମହାନ୍ତି, କଟକ ନଗର ମହିଳା ସଦସ୍ୟା ଗୋପା ସାମଲ, ସୁସ୍ମିତା ଭଦ୍ର, ମୋନାଲିସା ଶୁକ୍ଳ, ବିଜୟଲକ୍ଷ୍ମୀ ତ୍ରିପାଠୀ, କଲ୍ୟାଣୀ ଭୂୟାଁ, ସବିତା ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

### ଶୈଳବାଳା କଲେଜରେ ବାର୍ଷିକ କ୍ରୀଡ଼ା

**କଟକ ଅଫିସ, ୧୯।୨:** ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ୭୦ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ମହାବିଦ୍ୟାଳୟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ଲୋକସେବା ଆୟୋଗ(ଓପିଏସ୍‌ସି) ଅଧକ୍ଷ ସତ୍ୟଜିତ୍ ମହାନ୍ତି ଯୋଗଦେଇ କହିଥିଲେ, ଖେଳକୁଦ କଲେ ମାନସିକ ସନ୍ତୁଳନ ଠିକ୍ ରହିବ। ଉତ୍ତମ ଚରିତ୍ର ଗଠନ ଓ ବ୍ୟକ୍ତିତ୍ୱ ବିକାଶରେ ଏହା ସହାୟକ ହେବ ବୋଲି ସେ କହିଛନ୍ତି। ଉଦ୍‌ଯାପନୀ ସମାରୋହରେ ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ଡ. ସୁରେଖା ସୁନ୍ଦରୀ ସ୍ୱାଇଁ ପୌରୋହିତ୍ୟ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତାରେ ଯୁକ୍ତ୨ ଛାତ୍ରୀ ଏମ୍. ରୋଶ୍ନି ଓ ଶ୍ରୁତିପ୍ରଧା ବେହେରା ଏବଂ ଯୁକ୍ତ୩ ଛାତ୍ରୀ ପ୍ରିୟଙ୍କା ବା ଚାମ୍ପିୟନ ହୋଇଛନ୍ତି।

### ଏନ୍‌ଇଟି ପରୀକ୍ଷାରେ ରେଭେନ୍‌ଶା ଛାତ୍ରୀଛାତ୍ରଙ୍କ ସଫଳତା

**କଟକ ଅଫିସ,୧୯।୨:** ୟୁଜିସି ଏନ୍‌ଇଟି ଓ ଜେଆର୍‌ଏଫ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ୧୯ ଜଣ ଛାତ୍ରୀଛାତ୍ର ଏନ୍‌ଇଟି ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣ ଛାତ୍ରୀଛାତ୍ର ଜୁନିୟର ରିସର୍ଚ୍ଚ ଫେଲୋଶି(ଜେଆର୍‌ଏଫ୍) ପାଇଛନ୍ତି। ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପାଠ୍ୟଖସଡା ପ୍ରସ୍ତୁତ କରାଯାଇ ଏହି ପରୀକ୍ଷା ନିମନ୍ତେ ପ୍ରସ୍ତୁତ କରାଯାଇଥିଲା। ଗତବର୍ଷ ଏହି ବିଭାଗର ୩୩ଜଣ ପିଲା ଏଥିରେ ସଫଳତା ପାଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ହ୍ରାସ ପାଇଛି। ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ଏନ୍‌ଇଟି ପରୀକ୍ଷା ପାଇଁ ତାଲିମ ନେବା ଲାଗି ୨୦୧୬ରେ କିଛି ଅର୍ଥ ମିଳିଥିଲା। ଉକ୍ତ ଅର୍ଥରେ କିଛିଦିନ ପାଇଁ କୋଚିଂ ଚାଲିଥିଲା। ହେଲେ ପରବର୍ତ୍ତୀ ସମୟରେ ସରକାରଙ୍କ ପକ୍ଷରୁ କୌଣସି ସହାୟତା ନ ମିଳିବାରୁ କୋଚିଂ ବନ୍ଦ ହୋଇଯାଇଥିଲା। ତେବେ ପୂର୍ବଭଳି କୋଚିଂ ବ୍ୟବସ୍ଥା କରାଗଲେ ଅଧିକ ଛାତ୍ରୀଛାତ୍ର ଏଥିରେ ସଫଳତା ହାସଲ କରିପାରିବେ।

### କଂଗ୍ରେସ କର୍ମୀ ସମାବେଶ

**କଟକ ଅଫିସ, ୧୯।୨:** କଟକ ନଗର ୪୮ ନମ୍ବର ୱାର୍ଡ କଂଗ୍ରେସ କମିଟିର କର୍ମୀ ସମାବେଶ ଜଗତ୍‌ପୁରସ୍ଥିତ ନଜରପୁରଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇ ବୁଥ୍ ସ୍ତରରେ କମିଟି ଗଠନ କରିବା ପାଇଁ ଗୁରୁତ୍ୱ ଦେଇଥିଲେ। ଏଥିସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପାରଗତା ଏବଂ ସିଏମ୍‌ସିର ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରସଙ୍ଗ କରି ୱାର୍ଡବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଗାମୀ ପୌର ନିର୍ବାଚନରେ ୪୮ ନମ୍ବର ୱାର୍ଡ କଂଗ୍ରେସର ପ୍ରାର୍ଥୀ ହେବା ପାଇଁ ଜୟଶ୍ରୀ ସାମଲଙ୍କ ନାମ ଘୋଷଣା କରାଯାଇଥିଲା। ୱାର୍ଡ ସଭାପତି ରଶ୍ମିକାନ୍ତ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ଲକ୍ଷ୍ମୀଧର ଶରଣ, ଧୀରେନ୍ଦ୍ର ମହାନ୍ତି, ଲଳିତ ଭୂୟାଁ, ଉମାଶଙ୍କର ସାମଲ, ପବିତ୍ର ପଣ୍ଡା, ପ୍ରଫୁଲ ଚନ୍ଦ୍ର ପଣ୍ଡା, ଦମୟନ୍ତୀ ବେହେରା ପ୍ରମୁଖ ଯୋଗଦେଇଥିଲେ। ନଗର କଂଗ୍ରେସ ସାଧାରଣ ସମ୍ପାଦକ ମାନସ କୁମାର ପରିଡା ଧନ୍ୟବାଦ ଦେଇଥିଲେ।

# ଷ୍ଟ୍ରଙ୍ଗରୁମ୍ ସୁରକ୍ଷାକୁ ଗୁରୁତ୍ୱ ନ ଦେବାରୁ ରାସ୍ତାରୋକୋ

**ନିଶ୍ଚିନ୍ତକୋଇଲି,୧୯।୨(ସ୍ୱ.ପ୍ର.)**

ଷ୍ଟ୍ରଙ୍ଗରୁମ୍ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ କରି ଶନିବାର ସନ୍ଧ୍ୟାରେ ନିଶ୍ଚିନ୍ତକୋଇଲି ବ୍ଲକ କଟକ-ଚାନ୍ଦବାଲି ରାସ୍ତାର ଶୁକରପଡା ନିକଟରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ୧ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ନିଶ୍ଚିନ୍ତକୋଇଲି ବ୍ଲକରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶୁକ୍ରବାର ଶେଷ ହୋଇଛି। ବାଲଟ ବାକ୍ସଗୁଡ଼ିକୁ ପଞ୍ଚାୟତ



କଟକ-ଚାନ୍ଦବାଲି ରାସ୍ତାର ଶୁକରପଡା ନିକଟରେ ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ପ୍ରହ୍ଲାଦ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ନିର୍ବାଚନ ପରଠାରୁ ଭାଜପା ପକ୍ଷରୁ ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷା ନେଇ ପ୍ରଶ୍ନ ଉଠାଯାଇଥିଲା। ଶନିବାର ବିଜେଡିର କେତେଜଣ କର୍ମୀ ମଧ୍ୟ ଏହାର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏସମ୍ପର୍କରେ ବ୍ଲକ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ। ମାତ୍ର ନିର୍ବାଚନ ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଇ ନ ଥିଲେ। ଫଳରେ ଲୋକେ ରାସ୍ତାରୋକୋ କରିଥିଲେ। ବ୍ଲକ ନିର୍ବାଚନ ଅଧିକାରୀ କର୍ଣ୍ଣଦେବ ସମାଦ୍ଦାର ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଷ୍ଟ୍ରଙ୍ଗରୁମ୍ ଚତୁଃପାର୍ଶ୍ୱରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ଓ ରବିବାର ଷ୍ଟ୍ରଙ୍ଗରୁମ୍ ନିକଟରେ ସଫେଇ କରାଯିବ ବୋଲି କହିଥିଲେ। ବ୍ଲକ ଥାନା ଅଧିକାରୀ ଚିନ୍ମୟୀ ସାହୁ ଷ୍ଟ୍ରଙ୍ଗରୁମ୍ ନିକଟରେ ଅଧିକ ପୋଲିସ ଫୋର୍ସ ମୁତୟନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ରାସ୍ତାରୋକୋ ହଟିଥିଲା।

### ଲୋକ ଅଦାଲତରେ ୮ ମାମଲା ଫଇସଲା

**କଟକ ଅଫିସ,୧୯।୨**

ରାଜ୍ୟ ଖାଉଟି ବିବାଦ ସମାଧାନ କମିଶନଙ୍କ କାର୍ଯ୍ୟାଳୟରେ ଶନିବାର ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରପତି ଦୁର୍ଗା ପ୍ରସନ୍ନ ଚୌଧୁରୀ ଯୋଗଦେଇ ୮ଟି ମାମଲାର ଶୁଣାଣି କରି ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ କଞ୍ଜ୍ୟୁମର ବାର୍ ଆସୋସିଏଶନ ସଭାପତି କରୁଣାକର ଜେନା, ସମ୍ପାଦକ ଅଶ୍ୱିନୀ କୁମାର ସାହୁ, ଶାନ୍ତନୁ କୁମାର ଦାସ, ବ୍ୟକ୍ତିଗତ ସଚିବ ବିଜୟ କୁମାର ମହାପାତ୍ର, ବିଭାଗୀୟ ଅଧିକାରୀ ଭାସ୍କର ସାମଲଙ୍କ ସମେତ ଆଇନଜୀବୀମାନେ ଯୋଗଦେଇଥିଲେ।

# ‘ଗବେଷଣା କ୍ଷେତ୍ରରେ ସହାୟକ ହେବ ପୁରାତନ ନଥି’

**କଟକ ଅଫିସ,୧୯।୨**

କଟକସ୍ଥିତ ରାଜସ୍ୱ ପର୍ଷଦ ଓ ଭୁବନେଶ୍ୱରସ୍ଥିତ ସଂରକ୍ଷଣ ସଂସ୍ଥା ଇନ୍‌ଟାକ ମଧ୍ୟରେ ଶନିବାର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ରାଜସ୍ୱ ପର୍ଷଦର ବିରଳ ତଥା ପୁରାତନ ନଥିପତ୍ରଗୁଡ଼ିକର ସଂରକ୍ଷଣ ନିମନ୍ତେ ଉକ୍ତ ଏମ୍‌ଓୟୁ କରାଯାଇଛି। ରାଜସ୍ୱ ପର୍ଷଦ ସଚିବ ସୁବ୍ରତ ଶତପଥୀ ଏବଂ ଇନ୍‌ଟାକ୍‌ର ନିର୍ଦ୍ଦେଶିକା ମଲ୍ଲିକା ମିତ୍ର ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ରାଜସ୍ୱ ପର୍ଷଦ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପର୍ଷଦର ସଦସ୍ୟ ଜି.ଭି. ଭେନୁଗୋପାଳ ଶର୍ମା ଅଧକ୍ଷତା କରି କହିଥିଲେ, ପୁରାତନ ନଥିପତ୍ରଗୁଡ଼ିକର ସଂରକ୍ଷଣ ଆଗାମୀ ଦିନରେ ରାଜସ୍ୱ ବିଭାଗୀୟ କାର୍ଯ୍ୟଧାରାରେ ବହୁ ଉପାଦେୟତା ଉପଲବ୍ଧି କରାଇପାରିବ। ଇନ୍‌ଟାକ ଓଡ଼ିଶାର ଉପଦେଷ୍ଟା ସଞ୍ଜୀବ ଚନ୍ଦ୍ର ହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ନଥିପତ୍ରଗୁଡ଼ିକର ସଂରକ୍ଷଣ ପୂର୍ବରୁ ଏ ସବୁର ଉପାଦେୟତା, ଉପଲବ୍ଧି



ରାଜସ୍ୱ ପର୍ଷଦର ପୁରାତନ ନଥିପତ୍ରଗୁଡ଼ିକର ସଂରକ୍ଷଣ ନିମନ୍ତେ ଏମ୍‌ଓୟୁ ସ୍ୱାକ୍ଷରିତ ହେଉଛି।

**ରାଜସ୍ୱ ପର୍ଷଦ-ଇନ୍‌ଟାକ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ**

ସମ୍ପର୍କରେ ଯାଞ୍ଚ ଓ ସବିଶେଷ ତଥ୍ୟ ହାସଲ କରିବାକୁ କହିଥିଲେ। ସେହିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଯୋଗଦେଇ ଗବେଷଣା କ୍ଷେତ୍ରରେ ପୁରାତନ ନଥିଗୁଡ଼ିକ ସହାୟକ ହେବ ବୋଲି କହିଥିଲେ। ଏଣୁ ସେଗୁଡ଼ିକୁ ଆଧୁନିକ ରେକର୍ଡ ରୁମ୍‌ରେ ସଂରକ୍ଷିତ ରଖିବାକୁ ସେ ଗୁରୁତ୍ୱ ଦେଇଥିଲେ। ଇନ୍‌ଟାକ୍ ଓଡ଼ିଶାର ଆବାହକ ଅମିୟ ଭୂଷଣ ତ୍ରିପାଠୀ ଯୋଗଦେଇ ସଂରକ୍ଷଣ ପ୍ରକ୍ରିୟା ଅଟକି ନ ଯାଇ ନିୟମିତ କରିବାକୁ ଗୁରୁତ୍ୱ ଦେଇଥିଲେ। ଏଥିରେ ବୈକୁଣ୍ଠ ନାଥ ପାଣିଗ୍ରାହୀ, ଗୋପାଳକୃଷ୍ଣ ବେହେରା, ତୁଷାରକାନ୍ତି ଘୋଷ, ଜୟନ୍ତୀ ସିଂ, ସଞ୍ଜିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ରାଜସ୍ୱ ପର୍ଷଦର ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

# ନଗର କଂଗ୍ରେସର ୱାର୍ଡ ସଭାପତି ମନୋନୀତ

**କଟକ ଅଫିସ, ୧୯।୨**

ପୌର ନିର୍ବାଚନକୁ ଦୃଷ୍ଟିରେ ରଖି କଟକ ନଗର କଂଗ୍ରେସ କମିଟିର ବିଭିନ୍ନ ୱାର୍ଡ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ସୁପାରିସ ଏବଂ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ୱାର୍ଡ ସଭାପତିମାନେ ମନୋନୀତ ହୋଇଛନ୍ତି। ଏଥିରେ ୧ ନମ୍ବର ୱାର୍ଡ କଂଗ୍ରେସର ସଭାପତି ଭାବେ ଟୁକୁନା ସେନାପତି ମନୋନୀତ ହୋଇଥିବାବେଳେ ୨ ନଂ. ସରୋଜ ସେଠ, ୩ ନଂ. ପ୍ରଦୋଷ ଦାସ, ୪ ନଂ. ପ୍ରଦୀପ୍ତ କୁମାର ଦାସ, ୫ ନଂ. କିଶୋର ପ୍ରଧାନ, ୬ ନଂ. ରାଜେନ୍ଦ୍ର ପ୍ରସାଦ ଦାସ, ୭ ନଂ.ଦିଲ୍ଲୀପ କୁମାର ମହାନ୍ତି, ୮ ନଂ. ରଞ୍ଜିତ କୁମାର ନାୟକ, ୯ ନଂ. ସଞ୍ଜୟ ସେନାପତି, ୧୦ ନଂ. ୱାର୍ଡ କଂଗ୍ରେସର ସଭାପତି ଭାବେ ସୌମ୍ୟ ରଞ୍ଜନ ରାହା ମନୋନୀତ ହୋଇଛନ୍ତି। ସେହିପରି ୧୧ ନଂ. ୱାର୍ଡ କଂଗ୍ରେସର ସଭାପତି ସୌମେନ୍ଦ୍ର କୁମାର ଦାସ, ୧୨ ନଂ. ଜୟ ଜଗନ୍ନାଥ ଜେନା, ୧୩ ନଂ. ସୟଦ ରମଜାନୀ ଅଲ୍ଲୀ, ୧୪ ନଂ. ତନବୀର ହୁସେନ, ୧୫ ନଂ. ସେକ୍ ଅସଲମ, ୧୬ ନଂ. ଚିରଞ୍ଜନ ବେହେରା, ୧୭ ନଂ. ମହମ୍ମଦ ନାଜିର, ୧୮ ନଂ. ସେକ୍ ମିନାଜୁଦ୍ଦିନ ଅହମ୍ମଦ, ୧୯ ନଂ. ମଜିଦ ଖାନ, ୨୦ ନଂ. ୱାର୍ଡ ପାଇଁ ରାମ ବଲ୍ଲଭ ଦ୍ୱିବେଦୀ ମନୋନୀତ ହୋଇଛନ୍ତି। ୨୧ ନଂ. ୱାର୍ଡ କଂଗ୍ରେସର ସଭାପତି ଭାବେ ବ୍ରଜ କିଶୋର ବେହେରା, ୨୨ ନଂ. ପୂର୍ଣ୍ଣଚନ୍ଦ୍ର ମଣ୍ଡଳ, ୨୩ ନଂ. ଉସମାନ ଖାନ, ୨୫ ନଂ. କ୍ଷୀରୋଦ କୁମାର ସାହୁ, ୨୬ ନଂ. ମୀର ମୁଜାଫର ଅଲ୍ଲୀ, ୨୮ ନଂ. ଦେବୀପ୍ରସନ୍ନ ମହାପାତ୍ର, ୩୦ ନଂ. ୱାର୍ଡ ସଭାପତି ଭାବେ ବିଜୟ କେତନ ନାୟକ ମନୋନୀତ ହୋଇଛନ୍ତି। ସେହିପରି ୩୧ ନଂ. ୱାର୍ଡ କଂଗ୍ରେସର ସଭାପତି ଅଚ୍ୟୁତାନନ୍ଦ ବାରିକ, ୩୨ ନଂ. ତଅପୋଇ ସେଠୀ, ୩୩ ନଂ. ରବୀନ୍ଦ୍ର ସାହୁ, ୩୪ ନଂ. ରମାକାନ୍ତ ଦାସ, ୩୫ ନଂ. ଜି. ଭାସ୍କର ରାଓ, ୩୬ ନଂ. ନମିତା ରାଉତ, ୩୭ ନଂ. ସୁଜିତ ବିଶ୍ୱାଳ, ୩୮ ନଂ. ପ୍ରଫୁଲ୍ଲ ବେହେରା, ୩୯ ନଂ. ପ୍ରମୋଦ ପାତ୍ର, ୪୦ ନଂ. ଗାୟତ୍ରୀ ମଲ୍ଲ, ୪୧ ନଂ. ଲୋକନାଥ ବେହେରା, ୪୨ ନଂ. ବଂଶୀଧର ପୃଷ୍ଟି, ୪୩ ନଂ. ଅମରେନ୍ଦ୍ର ରାଉତରାୟ, ୪୪ ନଂ. ସତ୍ୟଜିତ୍ ମଲ୍ଲିକ, ୪୫ ନଂ. ପ୍ରଦୀପ କୁମାର ସାହୁ ଓ ୪୬ ନଂ. ୱାର୍ଡ କଂଗ୍ରେସର ସଭାପତି ଭାବେ ସୌମେନ୍ଦ୍ର ମହାନ୍ତି ମନୋନୀତ ହୋଇନ୍ତି। ସେହିପରି ୪୭ ନଂ. ୱାର୍ଡ କଂଗ୍ରେସର ସଭାପତି ଭାବେ ଅଜୟ ରାଉତ, ୪୮ ନଂ. ରଶ୍ମିକାନ୍ତ ସାମଲ, ୪୯ ନଂ. ଅଲେଖ ବେହେରା, ୫୦ ନଂ. ପ୍ରେମ ବାହାଦୁର, ୫୧ ନଂ. ମନୋଜ କୁମାର ବସ୍ତିଆ, ୫୪ ନଂ. ପ୍ରଦୋଷ ଦାସ, ୫୬ ନଂ. ସୁଧୀର ଦାସ, ୫୭ ନଂ. ପ୍ରତାପ ବେହେରା, ୫୮ ନଂ. ଶରତ କୁମାର ଜେନା ଏବଂ ୫୯ ନଂ. ୱାର୍ଡ କଂଗ୍ରେସ ସଭାପତି ଭାବେ ପ୍ରଶାନ୍ତ କୁମାର ମହାନ୍ତି ମନୋନୀତ ହୋଇଛନ୍ତି। ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଶନିବାର ଏ ନେଇ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି।


**ଜନ୍ମଦିନ ଶୁଭେଚ୍ଛା**



(ମାମୁନ୍)

**ଆଦ୍ୟାଶା ମହାନ୍ତି**
ମହତାବ ରୋଡ୍, ଭୁବନେଶ୍ୱର
ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ।
**ଶୁଭେଚ୍ଛା ସହ:** ବାପା, ମାମା, ଜେଜେ, ଜେଜେମା', ବଡ଼ବାପା, ବଡ଼ମା', ସାନବଡ଼ ବାପା, କୁଇନା ଅପା, ନେହା ଅପା, ଭାଇ, ଅଜା, ଆଈ, ମାମୁ, ମାଇଁ ଓ ପରିବାରବର୍ଗ।
ଧ-୨୩୨୦୩



**MISSING**



**ନାମ: ଶାନ୍ତିଲତା ମାଝୀ,** ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୧୫୮


# ‘ଚାଷୀଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିଥିଲେ ଗୌରାଙ୍ଗ’

**କଟକ ଅଫିସ,୧୯।୨**

ସ୍ୱାଧୀନତା ସଂଗ୍ରାମ ଏବଂ ଅନ୍ୟାୟ, ଶୋଷଣ, କୁସଂସ୍କାର ବିରୋଧରେ ଆଜୀବନ ସଂଗ୍ରାମ ପାଇଁ ଗୌରାଙ୍ଗ ଚରଣ ଦାସ ଓ ଶଶି ଭୂଷଣ ଦାସ ସ୍ମରଣୀୟ ହୋଇରହିବେ। ଜାତୀୟ ମୁକ୍ତି ସଂଗ୍ରାମ ଓ ଗଡ଼ଜାତ ପ୍ରଜା ଆନ୍ଦୋଳନରେ ଭାଗ ନେଇ ଗୌରାଙ୍ଗ ୭ ବର୍ଷ ବନ୍ଦୀ ଜୀବନ ବିତାଇଥିଲେ। ରାଜ୍ୟରେ ସମାଜବାଦୀ ଓ କୃଷକ ଆନ୍ଦୋଳନର ନେତୃତ୍ୱ ନେଇ ଚାଷୀ ମୂଲିଆଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିଥିଲେ ବୋଲି କଟକସ୍ଥିତ ସ୍ୱରାଜ ଆଶ୍ରମଠାରେ ଆୟୋଜିତ ସ୍ମୃତିସଭାରେ ଡ. ସତ୍ୟ ରାୟ ଅଧକ୍ଷତା କରି କହିଛନ୍ତି। ସଂଗ୍ରାମୀ ଫୋରମ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସଙ୍କ ୫୦ତମ ଓ ଶଶି ଭୂଷଣ ଦାସଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଉକ୍ତ ସ୍ମୃତିସଭା



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ବ୍ୟକ୍ତି ବୃନ୍ଦ।

**ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ, ଶଶିଭୂଷଣଙ୍କ ଶ୍ରଦ୍ଧାଞ୍ଜଳି ସଭା**

ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଗାନ୍ଧିବାଦୀ ନିଶାକର ଦାସ, ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, ଜଷ୍ଟିସ୍ ମନୋରଞ୍ଜନ ମହାନ୍ତି, ସମତାମଞ୍ଚ ସଭାପତି ଚିତ୍ତରଞ୍ଜନ ମହାନ୍ତି, ବିଜୟ ପଡ଼ିହାରୀ, ଏସ୍‌ୟୁସିଆଇ ନେତା ଡ. ବିଶ୍ୱାବସୁ ଦାସ, ଡା. ରବି ରଞ୍ଜନ ସାହୁ, ଏଆଇଟିୟୁସି ନେତା କିଶୋର ଜେନା, ବସ୍ତିବାସିନ୍ଦା ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନିମା ରାୟ ଧନ୍ୟବାଦ ଦେଇଥିଲେ।

### ସ୍କୁଟି ଡିକି ଭାଙ୍ଗି ୧ ଲକ୍ଷ ଚୋରି

**ଗୋପ,୧୯।୨(ଡି.ଏନ୍.ଏ.)**

ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ଶନିବାର ପୂର୍ବାହ୍ନରେ ଜଣେ ବ୍ୟକ୍ତିଙ୍କ ସ୍କୁଟି ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୧ ଲକ୍ଷ ଟଙ୍କା ଚୋରି ନେଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ. ୫୯/୨୨)ରେ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଏରବଙ୍ଗ ଗ୍ରାମର ଜୟବ୍ରତ ପ୍ରଧାନ ଗୋପ ଷ୍ଟେଟ୍ ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା ଉଠାଇ ତାଙ୍କ ଘରକୁ ସ୍କୁଟିରେ ଯାଉଥିଲେ। ମାତ୍ର କୌଣସି କାମରେ ଜୟବ୍ରତ ବେଗୁନିଆ ଛକ ନିକଟ ନୀଳାଚଳ ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ସ୍କୁଟି ରଖି ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କରୁ ଫେରି ଦେଖିବା ବେଳେ ସ୍କୁଟି ଡିକି ଭାଙ୍ଗି ଟଙ୍କା ଚୋରି କରି ନେଇଯାଇଥିଲେ। ଜୟବ୍ରତ ବେଗୁନିଆ ବଜାରରେ ଖୋଜାଖୋଜି କରି ନିରାଶ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଗୋପ ଷ୍ଟେଟ ବ୍ୟାଙ୍କରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି।






# ସରିଲା ଭୋଟ, ୨୬ରୁ ଗଣତି

**ନିଶ୍ଚିନ୍ତକୋଇଲି,୧୯।୨(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକର ପ୍ରହ୍ଲାଦ ମହାବିଦ୍ୟାଳୟରେ ୨୬ ତାରିଖରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ଆରମ୍ଭ ହେବ। ପ୍ରଥମ ଦିନରେ ୨୪ ନଂ. ଜିଲା ପରିଷଦ ଜୋନ୍, ୨୭ ତାରିଖରେ ୨୫ ଓ ୨୬ ନଂ ଜୋନ୍ ଏବଂ ୨୮ରେ ୨୭, ୨୮ ନମ୍ବର ଜିଲା ପରିଷଦ ଜୋନ୍ ପାଇଁ ଭୋଟ ଗଣତି କରାଯିବ। ବ୍ଲକରେ ୭୭.୯ ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ୫ଟି ଜିଲା ପରିଷଦ ଜୋନ୍‌ରେ ୧ ଲକ୍ଷ ୬୭ ହଜାର ୩୪୮ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୨୯ ହଜାର ୭୦୧ ଜଣ ମତଦାନ କରିଛନ୍ତି। ୨୫ ନଂ. ଜୋନ୍‌ରେ ସର୍ବାଧିକ ୭୯.୭ ପ୍ରତିଶତ ମତଦାନ ହୋଇଥିବାବେଳେ ୨୮ ନଂ. ଜିଲା ପରିଷଦ ଜୋନ୍‌ରେ ୭୭ ପ୍ରତିଶତ ହୋଇଛି। ୫୯୦ ବୁଥ୍‌ରେ ଶୁକ୍ରବାର ଭୋଟ ଶେଷ ହେବାପରେ ପ୍ରହ୍ଲାଦ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି। ଏହାର ମୁଖ୍ୟ ଫାଟକରେ ସଶସ୍ତ୍ର ପୋଲିସ ପହରା ଦେଉଛନ୍ତି ବୋଲି ବ୍ଲକ ନିର୍ବାଚନ ଅଧିକାରୀ କର୍ଣ୍ଣଦେବ ସମାଦ୍ଦାର ସୂଚନା ଦେଇଛନ୍ତି।

# ‘ମନୋଜ ଥିଲେ ଓଡ଼ିଆ ସାରସ୍ୱତ ଜଗତର ଅନନ୍ୟ ପ୍ରତିଭା’

**କଟକ ଅଫିସ, ୧୯।୨**

ବୈଦିକ, ପୁରାଣ ଓ ପରମ୍ପରାକୁ ସମ୍ମାନଦେଇ ସାରସ୍ୱତ ସାଧକ ମନୋଜ ଦାସ ଲେଖନୀ ଚାଳନା କରୁଥିଲେ। ଗଭୀର ସାଧନା, ଅନୁଭୂତି, ଅଭିଜ୍ଞତା ଓ ପାଣ୍ଡିତ୍ୟ ବଳରେ ସେ ଜାତୀୟସ୍ତରରେ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିଛନ୍ତି। ମନୋଜ ଦାସ ଓଡ଼ିଆ ସାରସ୍ୱତ ଜଗତର ଅନନ୍ୟ ବିସ୍ମୟକର ପ୍ରତିଭା ବୋଲି କଟକ ଶ୍ରୀରାମଚନ୍ଦ୍ର ଭବନରେ ଆୟୋଜିତ ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଦାଶ ବେନହୁର ଯୋଗଦେଇ ମତବ୍ୟକ୍ତ କରିଥିଲେ। ଶନିବାର ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ପ୍ରଖ୍ୟାତ କଥାକାର ମନୋଜ ଦାସଙ୍କ



ଶ୍ରୀରାମଚନ୍ଦ୍ର ଭବନରେ କଥାଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟ ତୈଳଚିତ୍ର ଉନ୍ମୋଚନ କରୁଛନ୍ତି।

ତୈଳଚିତ୍ର ଉନ୍ମୋଚିତ ହୋଇଯାଇଛି। ତରୁଣ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ କଥାଶିଳ୍ପୀ ଶାନ୍ତନୁ କୁମାର ଆଚାର୍ଯ୍ୟ ଉଦ୍‌ଘାଟକ ଭାବରେ ଯୋଗଦେଇ ତୈଳଚିତ୍ରକୁ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ବିଜୟାନନ୍ଦ ସିଂ ଯୋଗଦେଇ କହିଥିଲେ, ମନୋଜ ଦାସ ଅନ୍ତର୍ଜାତୀୟ ସ୍ତରରେ ସଫଳ କଥାକାର ଭାବରେ ପ୍ରତିଷ୍ଠା ଅର୍ଜନ କରିବା ସହ ଓଡ଼ିଆ ସାହିତ୍ୟର ଗୌରବ ବୃଦ୍ଧି କରିଛନ୍ତି। ଅନ୍ୟତମ ସମ୍ମାନିତ ଅତିଥି ଡ. ପ୍ରକାଶ କୁମାର ପରିଡ଼ା ଯୋଗଦେଇ ମନୋଜଙ୍କ କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଉପସଭାପତି ତଥା ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ, ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ ପ୍ରାରମ୍ଭିକ ସୂଚନା ଓ ସୁଦର୍ଶନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


**CLASSIFIED DISPLAY** ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385, 8637280816, 7894447167, 9338226625

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**BALAJI FINANCE**
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍‌ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

**ଲୋନ୍ ଲୋନ୍ ଲୋନ୍**
ଗୁରୁକୃପା ଫାଇନାନ୍ସ ଦ୍ୱାରା ଲୋନ୍।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ।
0% ସୁଧ, 35% ରିହାତି।
ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର ୫୨୦ ଟଙ୍କାରେ।
9870683762

**ALL EDITION - B/W (Everyday)**
for Booking Contact: 0674-2580385, 8637280816, 7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଡିକି ଭାଙ୍ଗି ୧ ଲକ୍ଷ ଚୋରି

ଗୋପ, ୧୯।୨(ଡି.ଏନ୍.ଏ.)- ଗୋପ-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ଶନିବାର ପୂର୍ବାହ୍ନରେ ଜଣେ ବ୍ୟକ୍ତିଙ୍କ ସ୍କୁଟି ଡିକି ଭାଙ୍ଗି କେହି ଦୁର୍ବୃତ୍ତ ୧ ଲକ୍ଷ ଟଙ୍କା ଚୋରି ନେଇଥିବା ଗୋପ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ଏକ ମାମଲା (ନଂ. ୫୯/୨୨)ରେ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଏରବଙ୍ଗ ଗ୍ରାମର ଜୟବ୍ରତ ପ୍ରଧାନ ଗୋପ ଷ୍ଟେଟ୍ ବ୍ୟାଙ୍କରୁ ୧ ଲକ୍ଷ ଟଙ୍କା ଉଠାଇ ତାଙ୍କ ଘରକୁ ସ୍କୁଟିରେ ଯାଉଥିଲେ। ମାତ୍ର କୌଣସି କାମରେ ଜୟବ୍ରତ ବେଗୁନିଆ ଛକ ନିକଟ ନୀଳାଚଳ ଗ୍ରାମ୍ୟ ବ୍ୟାଙ୍କ ସମ୍ମୁଖରେ ସ୍କୁଟି ରଖି ବ୍ୟାଙ୍କକୁ ଯାଇଥିଲେ। ବ୍ୟାଙ୍କରୁ ଫେରି ଦେଖିବା ବେଳେ ସ୍କୁଟି ଡିକି ଭାଙ୍ଗି ଟଙ୍କା ଚୋରି କରି ନେଇଯାଇଥିଲେ। ଜୟବ୍ରତ ବେଗୁନିଆ ବଜାରରେ ଖୋଜାଖୋଜି କରି ନିରାଶ ହେବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଗୋପ ଷ୍ଟେଟ ବ୍ୟାଙ୍କରେ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଚଳାଇଛି।

### ପ୍ରଚାର ଗାଡ଼ି ଭଙ୍ଗାରୁଜା

ଅସ୍ତରଙ୍ଗ,୧୯।୨(ଡି.ଏନ୍.ଏ)- ଅସ୍ତରଙ୍ଗ ବ୍ଲକ ଅଧୀନ କେନ୍ଦ୍ରାପାଟି ପଞ୍ଚାୟତରେ ବିଜେଡି ସମର୍ଥିତ ସମିତିସଭ୍ୟ ପ୍ରାର୍ଥୀଙ୍କ ପ୍ରଚାର ଗାଡିକୁ ଭଙ୍ଗାରୁଜା କରାଯାଇଥିବା ନେଇ କାକଟପୁର ଥାନାରେ ଅଭିଯୋଗ ହୋଇଛି। ପଞ୍ଚାୟତର ବିଭିନ୍ନ ୱାର୍ଡରେ ଉକ୍ତ ପ୍ରାର୍ଥୀ ମଙ୍ଗୁଳି ପ୍ରଧାନ ଗାଡିରେ ପ୍ରଚାର କରୁଥିବା ସମୟରେ ୧୦ରୁ ଊର୍ଦ୍ଧ୍ୱ ଯୁବକ ବାଇକ୍‌ରେ ଆସି ଗାଡିକୁ ଅଟକାଇ ସେଥିରେ ଲାଗିଥିବା ସମିତି ସଭ୍ୟ ପ୍ରାର୍ଥୀଙ୍କ ବ୍ୟାନରକୁ ଚିରିବା ସହିତ ଗାଡିକୁ ଭଙ୍ଗାରୁଜା କରିଥିଲେ। ସମିତି ସଭ୍ୟଙ୍କ ସମର୍ଥକମାନେ ସେଠାରେ ପହଞ୍ଚିବାରୁ ଉଭୟଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କୌଶଳକ୍ରମେ ଆକ୍ରମଣକାରୀ ଗୋଷ୍ଠୀ ବାଇକ୍ ନେଇ ସେଠାରୁ ପଳାଇଥିଲେ। ଅସ୍ତରଙ୍ଗ ବ୍ଲକରେ ପ୍ରଥମଥର ପାଇଁ ନିର୍ବାଚନୀ ହିଂସା ପରେ କେନ୍ଦ୍ରାପାଟି ପଞ୍ଚାୟତରେ ଉତ୍ତେଜନା ଲାଗିରହିଛି।

### ରାଜବୀରଙ୍କୁ ସହାୟତା କଲା 'କୋଣାର୍କ ପରିବାର'

କୋଣାର୍କ, ୧୯।୨- ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ଫୁଲବାଣୀ ଜିଲା କନ୍ଧମାଳ ଆମ୍ବାପଡା ଗ୍ରାମର ଶିଶୁ ରାଜବୀର ରଣାଙ୍କୁ ବଞ୍ଚାଇବା ପାଇଁ କୋଣାର୍କର ସ୍ୱେଚ୍ଛାସେବୀ ସଙ୍ଗଠନ 'କୋଣାର୍କ ପରିବାର'ର ସଦସ୍ୟମାନେ ସହାୟତାର ହାତ ବଢାଇଛନ୍ତି। କୋଣାର୍କ ବଜାରର ବ୍ୟବସାୟୀ, ବାସିନ୍ଦା, ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ, ସ୍କୁଲ, କଲେଜ ଓ ନିକଟସ୍ଥ ଗ୍ରାମବାସୀଙ୍କଠାରୁ ପରିବାର ଅର୍ଥ ଭିକ୍ଷା କରିଛନ୍ତି। ଯାହାକି ପରବର୍ତ୍ତୀ ସମୟରେ ରାଜବୀରଙ୍କ ଚିକିତ୍ସାରେ ଯୋଗାଇ ଦିଆଯିବ। ସୂଚନା ମୁତାବକ, ଏହି ରୋଗରୁ ମୁକ୍ତି ପାଇଁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ୧୬ କୋଟି ଟଙ୍କା ମୂଲ୍ୟର ଏକ ଇଞ୍ଜେକ୍ସନର ଆବଶ୍ୟକତା ରହିଛି। ପୁଅର ଜୀବନ ବଞ୍ଚାଇବା ପାଇଁ ବାପା ଓ ମା' ରାଜ୍ୟ ସରକାର, ମନ୍ତ୍ରୀ ଓ ନେତାଙ୍କଠାରୁ ଆରମ୍ଭ କରି ରାଜ୍ୟବାସୀଙ୍କୁ ଆକୁଳ ନିବେଦନ କରୁଛନ୍ତି। କାର୍ଯ୍ୟରେ 'କୋଣାର୍କ ପରିବାର'ର ସଭାପତି କାହ୍ନୁଚରଣ ପାତ୍ର, ସମ୍ପାଦକ ଅନିଲ ସ୍ୱାଇଁ, କୋଷାଧକ୍ଷ ସତ୍ୟଜିତ ସାହୁ, ବଳରାମ ପାତ୍ର, ରାଜେଶ ସାହୁ, ରାଜେନ୍ଦ୍ର ମଲ୍ଲିକ, ସୂର୍ଯ୍ୟକାନ୍ତ ଦଳାଇ, ବିଶାଳ ଦାସ ଓ ସୁଭାଶିଷ ସାହୁ ପ୍ରମୁଖ ସାମିଲ ଥିଲେ।

### ମହିଳାଙ୍କ ମୃତଦେହ ଜବତ: ସ୍ୱାମୀ, ଶ୍ୱଶୁର ଅଟକ

#### ହତ୍ୟା ଅଭିଯୋଗ ଆଣିଲେ ବାପଘର

ନିରାକାରପୁର,୧୯।୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ପୋଲିସ ଶନିବାର ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ସେ ହେଲେ ଏହି ଥାନା ଅଧୀନ ବାଲିଗାଡ଼ିଆ ଗ୍ରାମର ଜ୍ୟୋସ୍ନା ପ୍ରଧାନ(୨୫)। ବ୍ୟବଚ୍ଛେଦ ପରେ ମୃତଦେହ ବାପଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପକ୍ଷରେ ଜ୍ୟୋସ୍ନାଙ୍କୁ ମାରି ଫ୍ୟାନ୍‌ରେ ଟଙ୍ଗାଇ ଦେଇଛନ୍ତି ବୋଲି ବାପା ଅଶୋକ ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା ରୁଜୁକରି ମୃତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, କଟକ ଜିଲା ସଦର ଥାନା ଅନ୍ତର୍ଗତ ନୂଆଗଡ଼ ତେଲେଙ୍ଗାପେଣ୍ଠ ସାହିର ଜ୍ୟୋସ୍ନା ୭ମାସ ପୂର୍ବେ ବାଲିଗାଡ଼ିଆ ଗ୍ରାମର ସୁନୀଲ ସାମନ୍ତରାୟଙ୍କୁ ବିବାହ କରିଥିଲେ। ତେବେ କୌଣସି କାରଣ ନେଇ ଶୁକ୍ରବାର ଅପରାହ୍ନରେ ଜ୍ୟୋସ୍ନା ଫ୍ୟାନ୍‌ରେ ଝୁଲୁଥିବା ଦେଖି ଶାଶୁଘର ଲୋକେ ସଙ୍ଗେସଙ୍ଗେ ଚିକିତ୍ସା ପାଇଁ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ବାପା ଅଶୋକଙ୍କ ଅଭିଯୋଗକ୍ରମେ ପୋଲିସ ମୃତାଙ୍କ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଏଏସ୍‌ଆଇ ଶରତ କୁମାର ପାଇକରାୟ କହିଛନ୍ତି।

# ବିଶ୍ୱବୈଷ୍ଣବ ସମ୍ମିଳନୀରେ ଯୋଗଦେବେ ରାଷ୍ଟ୍ରପତି

ପୁରୀ ଅଫିସ,୧୯।୨

ଦୁଇଦିନିଆ ପୁରୀ ଗସ୍ତରେ ଆସିଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ। ଶନିବାର ରାଷ୍ଟ୍ରପତି ନିର୍ଦ୍ଧାରିତ ସମୟ ପୂର୍ବରୁ ପୁରୀରେ ପହଞ୍ଚି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ସହ ରାଜଭବନରେ ରାତ୍ରିଯାପନ କରିଥିଲେ। ତେବେ ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ୨୦ତାରିଖରେ ଗୌଡ଼ୀୟ ମଠର ବିଶ୍ୱବୈଷ୍ଣବ ସମ୍ମିଳନୀ ଏବଂ ମିଶନର ସଂସ୍ଥାପକ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ବର୍ଷପୂର୍ତ୍ତି ଆବିର୍ଭାବ ଦିବସ ଉପଲକ୍ଷେ ଶରଧାବାଲିରେ ହେଉଥିବା ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବେ। ରାଷ୍ଟ୍ରପତିଙ୍କ ପୁରୀ ଗସ୍ତର କାର୍ଯ୍ୟକ୍ରମକୁ ନେଇ ଶନିବାର ସୁରକ୍ଷା ବ୍ୟବସ୍ଥାର ଚୂଡ଼ାନ୍ତ ସମୀକ୍ଷା କରାଯାଇଥିଲା। ଅତିରିକ୍ତ ଡିଜି ରାଧାକୃଷ୍ଣ ଶର୍ମା, ପୁରୀ ଏସ୍‌ପି କେ.ବିଶାଲ୍ ସିଂ, ଅତିରିକ୍ତ ଏସ୍‌ପି ମିହିର କୁମାର ପଣ୍ଡାଙ୍କ ସମେତ ପୋଲିସ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି। ସୁରକ୍ଷା ଦୃଷ୍ଟିରୁ ସହରରେ ୪୦ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ୨୦୦ରୁ ଅଧିକ ଅଫିସର ମୁତୟନ ରହିବେ। ଶନିବାର ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ରାଷ୍ଟ୍ରପତି ସପରିବାର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି।



ଗୌଡ଼ୀୟ ମିଶନ ମଠ ପକ୍ଷରୁ ତୋଟା ଗୋପୀନାଥ ମଠ ନିକଟରୁ ବାହାରିଥିବା ଶୋଭାଯାତ୍ରା ।

ସେହିପରି ୨୦ତାରିଖରେ ଗୌଡ଼ୀୟ ମିଶନ ପକ୍ଷରୁ ଆୟୋଜନ କରାଯାଇଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଯୋଗଦେବେ। ୨୦ ତାରିଖ ସକାଳ ୧୦.୩୦ରେ ରାଜଭବନରୁ ବଡ଼ଦାଣ୍ଡସ୍ଥିତ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ ଅଭିମୁଖେ କାରକେଡ୍ ଯୋଗେ ବ୍ଲୁ ବୁକ୍ ସିକ୍ୟୁରିଟି ଅନୁଯାୟୀ ଯିବେ। ୧୦.୩୫ରେ ମଠରେ ପହଞ୍ଚି ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମିଶନର ସଂସ୍ଥାପକ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଦେବେ। ପରେ ୧୦.୫୦ରେ ବାହାରି ଶରଧାବାଲି ଯିବେ। ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଶରଧାବାଲିରେ ଶ୍ରୀଚୈତନ୍ୟ ଗୌଡ଼ୀୟ ମଠ ପ୍ରତିଷ୍ଠାତା ଶ୍ରୀମଦ୍ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ୧୫୦ତମ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗଦେବା ସହ ନିଜ ଅଭିଭାଷଣ ପ୍ରଦାନ କରିବେ। ଏହାପରେ ରାଷ୍ଟ୍ରପତି ଶରଧାବାଲିରୁ ବାହାରି ତାଳବଣିଆସ୍ଥିତ ହେଲିପ୍ୟାଡ୍ ଯାଇ ପୁନର୍ବାର ୧୨.୧୫ରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ। ବ୍ଲୁବୁକ ସିକ୍ୟୁରିଟି ଅନୁଯାୟୀ ରାଷ୍ଟ୍ରପତିଙ୍କ ଗସ୍ତର ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମସ୍ଥଳକୁ ବୋମା ଅନୁସନ୍ଧାନ ଯନ୍ତ୍ର ସାହାଯ୍ୟରେ ଯାଞ୍ଚ କରାଯାଇଥିଲା। ଅପରପକ୍ଷେ ଗୌଡ଼ୀୟ ମଠ ଅନୁଷ୍ଠିତ ମହୋତ୍ସବର ସମାରୋହ ପାଇଁ ମଠ ପକ୍ଷରୁ ପ୍ରସ୍ତୁତି ସରିଛି । ରଙ୍ଗବେରଙ୍ଗ ଫୁଲ ସହ ବଡବଡ ହୋର୍ଡିଂରେ ମଠ ସୁସଜ୍ଜିତ ହୋଇଥିବା ବେଳେ ପୁରୀ ସହରକୁ ମଧ୍ୟ କଡା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି।

#### ଗୌଡ଼ୀୟ ମିଶନ ମଠ ପକ୍ଷରୁ ଶୋଭାଯାତ୍ରା

ସେହିପରି ଗୌଡ଼ୀୟ ମିଶନ ଏବଂ ଶ୍ରୀକ୍ଷେତ୍ର ସାରସ୍ୱତ ବୈଷ୍ଣବ ସଂଘ ପକ୍ଷରୁ ୩ଦିନିଆ ବିଶ୍ୱ ବୈଷ୍ଣବ ସମ୍ମିଳନୀ ଶନିବାର ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମଠ ପକ୍ଷରରୁ ଶନିବାର ଏକ ଶୋଭାଯାତ୍ରା ସହ କୀର୍ତ୍ତନ କରାଯାଇଥିଲା। କୀର୍ତ୍ତନ ଶୋଭାଯାତ୍ରା ତୋଟା ଗୋପୀନାଥ ମଠ ନିକଟରୁ ବାହାରି ନଗର ପରିକ୍ରମା କରି ଶ୍ରୀଚୈତନ୍ୟ ମଠରେ ପହଞ୍ଚିଥିଲା। ସେହିପରି ଶରଧାବାଲିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

### ଭୋଟ ଗଣତି ତାଲିମ ଶିବିର

କଣାସ,୧୯।୨(ସ୍ୱ.ପ୍ର.)

କଣାସ ବ୍ଲକରେ ଗତ ୧୬ତାରିଖରେ ପ୍ରଥମ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ହୋଇଥିଲା। ଆସନ୍ତା ୨୬, ୨୭, ୨୮ ୩ଦିନ ଧରି ଭୋଟ ଗଣତି ଅନୁଷ୍ଠିତ ହେବ। ସେଥିପାଇଁ ଶନିବାର କଣାସ ପଞ୍ଚାୟତ ସମିତି ସଭାଗୃହରେ ଭୋଟ ଗଣତି ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ତାଲିମ ଶିବିରରେ କଣାସ ବ୍ଲକ, ତହସିଲର କର୍ମଚାରୀ ଏବଂ ୬୦ଜଣ ଶିକ୍ଷକଙ୍କୁ ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା, ତାଲିମ ପ୍ରଦାନ କରିଥିଲେ। ଭୋଟ ବାକ୍ସଗୁଡିକ କିପରି ସୁରକ୍ଷିତ ଭାବେ ଷ୍ଟ୍ରଙ୍ଗରୁମରୁ ଗଣତି ଟେବୁଲକୁ ଅଣାଯାଇ ପ୍ରାର୍ଥୀମାନଙ୍କ ଏଜେଣ୍ଟଙ୍କ ସମ୍ମୁଖରେ ଗଣାଯିବ ସେ ସମ୍ପର୍କରେ କହିଥିଲେ।

ଜନ୍ମଦିନ ଶୁଭେଚ୍ଛା

(ମାମୁନ୍)
ଆଦ୍ୟାଶା ମହାନ୍ତି
ମହତାବ ରୋଡ୍, ଭୁବନେଶ୍ୱର
ଆଜି ତୋର ପବିତ୍ର ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ସେ ତୋତେ ଦୀର୍ଘାୟୁ କରିବା ସହିତ ତୋ ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ବାପା, ମାମା, ଜେଜେ, ଜେଜେମା', ବଡ଼ବାପା, ବଡ଼ମା', ସାନବଡ଼ ବାପା, କୁଇନା ଅପା, ନେହା ଅପା, ଭାଇ, ଅଜା, ଆଈ, ମାମୁ, ମାଈଁ ଓ ପରିବାରବର୍ଗ ।
ଧ-୨୩୨୦୩

# ଚୂଡ଼ାନ୍ତ ପ୍ରସ୍ତୁତି ନେଇ ଏସ୍‌ପିଙ୍କ ସମୀକ୍ଷା

ସାକ୍ଷୀଗୋପାଳ, ୧୯।୨(ଡି.ଏନ.ଏ)

ରାତି ପାହିଲେ ତୃତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ। ଚୂଡ଼ାନ୍ତ ପ୍ରସ୍ତୁତି ଓ ଶାନ୍ତିଶୃଙ୍ଖଳାରେ ମତଦାନ କରିବା ପାଇଁ ପୁରୀ ଏସ୍‌ପି ଡ. କେ. ବିଶାଲ ସିଂ ଶନିବାର ସନ୍ଧ୍ୟାରେ ସତ୍ୟବାଦୀ ଥାନାରେ ପହଞ୍ଚି ସମୀକ୍ଷା କରିବା ସହିତ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପୁରୀ ଜିଲାର ୭ଟି ଥାନା ଅସ୍ତରଙ୍ଗ, ସତ୍ୟବାଦୀ, ବ୍ରହ୍ମଗିରି, ବଳଙ୍ଗା, ଗୋପ, ଡେଲାଙ୍ଗ, କଣାସର ଅଧିକାରୀମାନଙ୍କ ସହିତ ପିପିଲି ଏସ୍‌ଡିପିଓ ଦେବୀଦତ୍ତ ବରାଳ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୂର୍ଣ୍ଣଚନ୍ଦ୍ର ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ୮୩ଟି ଉତ୍ତେଜନା ଓ ୫୩ଟି ଅତିଉତ୍ତେଜନାପ୍ରବଣ କେନ୍ଦ୍ରରେ ପୋଲିସ ପାଟ୍ରୋଲିଂ ସହିତ ବୁଥ ଉପରେ ତୀକ୍ଷ୍ଣ ନଜର ରଖିବାକୁ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି।



ପୁରୀ ଏସ୍‌ପି ଡ. କେ. ବିଶାଲ ସିଂ ଶନିବାର ସତ୍ୟବାଦୀ ଥାନାରେ ପହଞ୍ଚି ପୋଲିସ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି ।

# ୨୩ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନର ପୁନଃ ମତଦାନ

ପୁରୀ ଅଫିସ ୧୯।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ପର୍ଯ୍ୟାୟରେ ଜିଲାର ବିଭିନ୍ନ ବ୍ଲକରେ ବାଲଟ ବାକ୍ସ ଚୋରି ହେବା ସହ ଗୋଷ୍ଠୀକନ୍ଦଳ ଘଟିଥିଲା। ଫଳରେ ସେ ସବୁ ବୁଥ୍‌ରେ ନିର୍ବାଚନର ବାଧାପ୍ରାପ୍ତ ହୋଇଥିଲା। ତେବେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ସ୍ଥଗିତ ଥିବା ବୁଥ୍‌ଗୁଡିକରେ ପୁନଃ ନିର୍ବାଚନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୨୩ତାରିଖ ଘୋଷଣା କରାଯାଇଛି। ନିର୍ବାଚନ ନିମନ୍ତେ ଘୋଷଣା ହୋଇଥିବା ବୁଥ୍‌ଗୁଡିକ ହେଲା କଣାସ ବ୍ଲକର ବଡାଲ ପଞ୍ଚାୟତର ୱାର୍ଡ ନଂ.୫, ୭ ଏବଂ ୮, ବ୍ରହ୍ମଗିରିର ଚାପାମାଣିକ ପଞ୍ଚାୟତର ୱାର୍ଡ ନଂ. ୯ ଏବଂ କୃଷ୍ଣପ୍ରସାଦର ଅଲଣ୍ଡା ପଞ୍ଚାୟତର ୱାର୍ଡ ନଂ. ୮ରେ ପୁନଃ ମତଦାନ ଅନୁଷ୍ଠିତ ହେବ। ବୁଧବାର ସକାଳ ୯ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ପୁନଃ ମତଦାନ ହେବ। ପୁନଃ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ୱାର୍ଡରେ ତହସିଲଦାରଙ୍କୁ ନିଯୁକ୍ତି ଦିଆଯାଇଛି। କଣାସ ବ୍ଲକ ପାଇଁ ତହସିଲଦାର ଲକ୍ଷ୍ମୀଧର ମହାରଣା, ବ୍ରହ୍ମଗିରି ବ୍ଲକ ପାଇଁ ତହସିଲଦାର କାହ୍ନୁଚରଣ ଘଡେଇ ଓ କୃଷ୍ଣପ୍ରସାଦ ପାଇଁ ତହସିଲଦାର ଉଲ୍ଲାସ କୁମାର ସେଠୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ନିର୍ବାଚନକୁ ଶୃଙ୍ଖଳିତ କରିବା ପାଇଁ ସ୍ଥାନୀୟ ପୋଲିସ ଅଧିକାରୀଙ୍କୁ ନିୟୋଜିତ କରାଯିବା ଲାଗି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

MISSING

ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୧୫୮

### ୧୦୩୦ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ୍

ନିମାପଡ଼ା,୧୯।୨(ଡି.ଏନ୍.ଏ.)

ନିମାପଡ଼ା ବ୍ଲକରେ ୨ୟ ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନରେ ଭୋଟ ଶୁକ୍ରବାର ସରିଥିଲା। ୨୪ଘଣ୍ଟିଆ ସଶସ୍ତ୍ର ପୋଲିସ ପହରା ମଧ୍ୟରେ ନିମାପଡ଼ା ବ୍ଲକ କାର୍ଯ୍ୟାଳୟର ଷ୍ଟ୍ରଙ୍ଗରୁମରେ ଭୋଟ ବାକ୍ସଗୁଡ଼ିକ ସୁରକ୍ଷିତ ରଖାଯାଇଥିବା ବିଡିଓ ତଥା ବ୍ଲକ ନିର୍ବାଚନ ଅଧିକାରୀ ବସନ୍ତ କୁମାର ମଲ୍ଲିକ କହିଛନ୍ତି। ଷ୍ଟ୍ରଙ୍ଗରୁମଟିକୁ ନିର୍ବାଚନ ଅଧିକାରୀ ମଲ୍ଲିକ, ତହସିଲଦାର ସ୍ଥିତପ୍ରଜ୍ଞା ପ୍ରିୟଦର୍ଶିନୀ, ପୋଲିସ ଆଇଆଇସି ଶଙ୍କର୍ଷଣ ଦଳେଇଙ୍କ ଉପସ୍ଥିତିରେ ସିଲ୍ କରାଯାଇଥିଲା। ଷ୍ଟ୍ରଙ୍ଗରୁମ ଭିତରେ, ବାହାରେ ୬ଟି ସିସିଟିଭି ଲଗାଯାଇଥିବା ବେଳେ କାଉଣ୍ଟିଂ ହଲରେ ମଧ୍ୟ ୨ଟି ସିସିଟିଭି ଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନିମାପଡ଼ା ବ୍ଲକର ୪ଟି ଜିଲା ପରିଷଦ ଜୋନ ଲାଗି ମୋଟ ୧୮ଜଣ ଜିଲା ପରିଷଦ ପ୍ରାର୍ଥୀ, ୩୨ ପଞ୍ଚାୟତର ୩୨ ସରପଞ୍ଚ ପଦ ପାଇଁ ୧୦୦ଜଣ ପ୍ରାର୍ଥୀ, ୩୨ ସମିତିସଭ୍ୟ ପଦ ପାଇଁ ୯୩ଜଣ ପ୍ରାର୍ଥୀ, ୮୧୯ ଜଣ ୱାର୍ଡସଭ୍ୟ ପ୍ରାର୍ଥୀ ମୋଟରେ ୧୦୩୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟବାକ୍ସରେ ସିଲ୍ ହୋଇ ଷ୍ଟ୍ରଙ୍ଗରୁମରେ ରହିଛି। ଆସନ୍ତା ୨୬, ୨୭ ଓ ୨୮ରେ ଭୋଟ ଗଣତି ହେବ। ଭୋଟ ଗଣତି ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଥିବା ବିଡିଓ କହିଛନ୍ତି।

### ଭୋଟଗଣତି ତାଲିମ ଦେଲେ ବିଡିଓ

ଡେଲାଙ୍ଗ, ୧୯।୨(ଡି.ଏନ୍.ଏ.)

ଭୋଟଗଣତି ନେଇ ଶନିବାର ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଡେଲାଙ୍ଗ ବିଡିଓ ଦିଲୀପ କୁମାର ଷଡଙ୍ଗୀ, ତହସିଲଦାର ନିବେଦିତା ପରିଡା, ଜିପିଇଓ ରତିକାନ୍ତ ସାହୁ ପ୍ରମୁଖ କାର୍ଯ୍ୟାଳୟରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶ ଅନୁସାରେ ଭୋଟଗଣତିର ପ୍ରକ୍ରିୟା, ନାକଚ ଭୋଟର ବିଚାର, ଗଣତିର ଫଳାଫଳ ନିର୍ବାଚନ ଅଫିସରଙ୍କୁ ଦିଆଯିବା ପ୍ରଣାଳୀ, ଗଣତି ଫଳାଫଳ ଘୋଷଣା, ପୁନର୍ବାର ଗଣତି ବ୍ୟବସ୍ଥା, ଏଜେଣ୍ଟଙ୍କ ଗଣତି ପ୍ରକ୍ରିୟାର ଉପସ୍ଥିତି ସମ୍ପର୍କରେ ବିସ୍ତୃତ ଭାବେ ୮୦ଜଣ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା ।

# ଅନ୍ଧାରରେ ରହିଛି ଷ୍ଟ୍ରଙ୍ଗ୍‌ରୁମ୍

ଗୋପ, ୧୯।୨(ଡି.ଏନ୍.ଏ.)

ଗୋପ ବ୍ଲକର ଷ୍ଟ୍ରଙ୍ଗରୁମ ଅନ୍ଧାରରେ ରହିଛି। ହେଲେ କେତେକ ପୋଲିସ କେବଳ ମୋବାଇଲ ଲାଇଟ୍ ପକାଇ ଷ୍ଟ୍ରଙ୍ଗରୁମକୁ ଜଗି ରହିଛି। ନିର୍ବାଚନ ଚାଲିଥିବାବେଳେ ଷ୍ଟ୍ରଙ୍ଗରୁମ ଏଭଳି ଅନ୍ଧାରରେ ରହିବାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଗୋପ ବ୍ଲକର ୩୧ଟି ପଞ୍ଚାୟତରେ ଶାନ୍ତିଶୃଙ୍ଖଳାରେ ମତଦାନ ଶେଷ ହୋଇଥିଲା। ହେଲେ ସେଦିନ ୪୫୯ଟି ବୁଥ୍‌ରୁ ଭୋଟ ବାକ୍ସକୁ ନିର୍ବାଚନ ଅଧିକାରୀମାନେ ଅସୁରକ୍ଷିତ ଭାବରେ ରାସ୍ତାରେ ଚାଲି ଚାଲି ଭୋଟ ବାକ୍ସ ନେଇଯାଇଥିବା ଦେଖିବାକୁ ମିଳିଥିଲା। ବ୍ଲକ ପକ୍ଷରୁ ଗୋପ ନିଗମାନନ୍ଦ ନୋଡାଲ ହାଇସ୍କୁଲ ପରିସରରେ ସମସ୍ତ ପଞ୍ଚାୟତର ଭୋଟ ବାକ୍ସକୁ ଷ୍ଟ୍ରଙ୍ଗ୍‌ରୁମ୍‌ର ସୁରକ୍ଷା ବଳୟ ଭିତରେ ରଖାଯାଇଥିଲା। ଅନ୍ୟପଟେ ଶନିବାର ସନ୍ଧ୍ୟାରେ ଏହି ବ୍ଲକର କେତେଜଣ ପ୍ରାର୍ଥୀ ହାଇସ୍କୁଲ ସମ୍ମୁଖରେ ବସିଥିବା ଦେଖିବାକୁ ମିଳିଥିଲା। ତେଣୁ କୌଣସି ଅଘଟଣ ହେବା ପୂର୍ବରୁ ତୁରନ୍ତ ଷ୍ଟ୍ରଙ୍ଗରୁମରେ ଉଜ୍ଜ୍ୱଳ ଲାଇଟ୍ ଲଗାଇବାକୁ ପଞ୍ଚାୟତବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ନେଇ ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି, ବ୍ଲକ ପକ୍ଷରୁ ସମସ୍ତ ଭୋଟ ବାକ୍ସକୁ ପୋଲିସର ଜିମାରେ ରହିଛି, ତଥାପି ତୁରନ୍ତ ଉଜ୍ଜ୍ୱଳ ଲାଇଟ୍ ଲଗାଯିବ।



ଷ୍ଟ୍ରଙ୍ଗରୁମ୍‌କୁ ଜଣେ ମହିଳା ପୋଲିସ ଜଗିଛନ୍ତି ।

# ସିସିଟିଭି ଫୁଟେଜ ଯାଞ୍ଚ ହେଲା

କଣାସ,୧୯।୨(ସ୍ୱ.ପ୍ର.)

#### ଷ୍ଟ୍ରଙ୍ଗ୍‌ରୁମ ପରିଦର୍ଶନରେ ଯାଇ ବିଡିଓ ହଟହଟା ମାମଲା

କଣାସ ବ୍ଲକରେ ମତଦାନ ହୋଇଥିବା ଭୋଟ ବାକ୍ସଗୁଡ଼ିକ ସ୍ଥାନୀୟ ବିଦ୍ୟାଳୟ ତଥା ଷ୍ଟ୍ରଙ୍ଗରୁମ ରଖାଯାଇଥିଲା। ବିଡିଓ ଲୋଚନ ଦାସ ୩ ଅଧିକାରୀଙ୍କୁ ନେଇ ତଦାରଖ ପାଇଁ ଷ୍ଟ୍ରଙ୍ଗରୁମକୁ ଯାଇ ଫେରିବାବେଳେ ହାତରେ ବାଲଟ ପେପର, ଷ୍ଟାମ୍ପ ଥିବା ଦେଖି ବାହାରେ ଥିବା ପ୍ରାର୍ଥୀମାନେ ପାଟିତୁଣ୍ଡ କରିବାରୁ ହଟହଟା ହୋଇଥିଲେ। ଫଳରେ ବିଡିଓଙ୍କ ନିର୍ଦ୍ଦେଶକ୍ରମେ ଗ୍ରାମର ୪ ବରିଷ୍ଠ ନାଗରିକଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗରୁମର ସିସିଟିଭି ଫୁଟେଜ ଯାଞ୍ଚ ହେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନାଯୋଗ୍ୟ, ୨୮ ପଞ୍ଚାୟତର ୩ଟି ଜୋନର ୩୫୯ଟି ବୁଥରେ ମତଦାନ କରାଯାଇଥିବା ଭୋଟ ବାକ୍ସକୁ କଣାସ ସରକାରୀ ଉଚ୍ଚବିଦ୍ୟାଳୟ ପରିସର ୩ଟି କୋଠରିରେ ଅଲଗା କରି ରଖାଯାଇଛି। ଶୁକ୍ରବାର ବିଡିଓ ଲୋଚନ ଦାସ, ଗ୍ରାମ ପଞ୍ଚାୟତ ଅଧିକାରୀ(ଜିପିଓ) କୁମୁଦ ପଣ୍ଡା, ସହକାରୀ ଯନ୍ତ୍ରୀ ଚନ୍ଦ୍ରମଣୀ ଖଟେଇ ଷ୍ଟ୍ରଙ୍ଗରୁମକୁ ଯାଇଥିଲେ। ହେଲେ ଫେରିବାବେଳେ ଜିପିଓଙ୍କ ହାତରେ କିଛି କାଗଜପତ୍ର, ବାଲଟ ପେପର, ଷ୍ଟାମ୍ପ ଦେଖି ବାହାରେ ଥିବା ପ୍ରାର୍ଥୀମାନେ ସନ୍ଦେହ ସୃଷ୍ଟି ନାନା ପ୍ରଶ୍ନ କରିଥିଲେ। ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେବାରୁ ବିଡିଓ ଶେଷରେ ଗ୍ରାମର ୪ଜଣ ବରିଷ୍ଠ ନାଗରିକଙ୍କୁ ଡକାଇ ସିସିଟିଭି ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ କଣାସ ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ସୁଶୀଲକାନ୍ତ ରାଉତ, ବିଜିପୁର ପୂର୍ବତନ ସରପଞ୍ଚ ବ୍ରଜବନ୍ଧୁ ସ୍ୱାଇଁ, ପାଣ୍ଡିଆକେରାର ପୂର୍ବତନ ସମିତି ସଭ୍ୟ ଲଲାଟ କେଶରୀ ଓ ବୈଦ୍ୟନାଥ ପାଟଣାର ରାଜ କିଶୋର ପାଢୀଙ୍କ ଉପସ୍ଥିତିରେ ଷ୍ଟ୍ରଙ୍ଗରୁମରେ ଲାଗିଥିବା ସିସିଟିଭି ବିଡିଓ ଆସିବାଠାରୁ ଯିବା ପର୍ଯ୍ୟନ୍ତ ଟିକିନିଖି ଦେଖାଇଥିଲେ। ସେଭଳି କିଛି ହୋଇ ନ ଥିବା ଦେଖିବା ପରେ ସନ୍ତୁଷ୍ଟ ହୋଇ ଫେରିଥିଲେ।

ଧର୍ମର ଜୟ
ଏ ସମ୍ମାନ ଆପଣମାନଙ୍କର ମୁଁ ନିମିତ୍ତ ମାତ୍ର
୧.ଧବଳେଶ୍ୱରଙ୍କ ନୂତନ ଗେଟ୍ ନିର୍ମାଣ
୨.ପ୍ରତି ଘରକୁ ପାଣି ପାଇପ୍ କନେକ୍ସନ୍
୩.ପଞ୍ଚାୟତର ପ୍ରତ୍ୟେକ ଛକରେ ଆଲୋକ ବ୍ୟବସ୍ଥା
୪.ପ୍ରତି ୱାର୍ଡରେ ଡଷ୍ଟବିନ୍ ବ୍ୟବସ୍ଥା
୫.ପ୍ରତିମାସରେ ସଫେଇ କାର୍ଯ୍ୟକ୍ରମ ଓ ଡ୍ରେନେଜ୍ ବ୍ୟବସ୍ଥା କରାଯିବାପାଇଁ ସଂକଳ୍ପବଦ୍ଧ
ମଙ୍ଗେଶ୍ୱର(ଧବଳେଶ୍ୱର) ଗ୍ରାମ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ
ସରପଞ୍ଚ ପ୍ରାର୍ଥିନୀ
ରତ୍ନମଞ୍ଜରୀ ଖଟୁଆଙ୍କୁ
ଖୋଲା ଛତା
ଚିହ୍ନରେ ମୋହର ମାରି ବିପୁଳ ସଂଖ୍ୟାରେ ଜୟଯୁକ୍ତ କରାନ୍ତୁ।

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

BALAJI FINANCE
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

ଲୋନ୍ ଲୋନ୍ ଲୋନ୍
ଗୁରୁକୃପା ଫାଇନାନ୍ସ
ଦ୍ୱାରା ଲୋନ୍ ।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ।
0% ସୁଧ, 35% ରିହାତି ।
ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର ୫୨୦ ଟଙ୍କାରେ ।
9870683762

ALL EDITION - B/W (Everyday)
for Booking Contact: 0674-2580385 8637280816, 7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।